## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ

ହିଞ୍ଜିଳିକାଟୁ,୧୬।୧୧(ଡ଼ି.ଏନ୍.ଏ)-ହିଞ୍ଜିଳି ଥାନା ବେଲଗାଁରେ ଜଣେ ମହିଳା ଶାଶୁଘର ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ଶୁକ୍ରବାର ବ୍ରହ୍ମପୁର ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ଗୁପ୍ତେଶ୍ୱରୀ ପାତ୍ର। ୨୦୧୩ରେ ଧରାକୋଟର ଗୁପ୍ତେଶ୍ୱରୀଙ୍କ ସହ ବେଲଗାଁର ଜଣେ ବ୍ୟକ୍ତିଙ୍କ ସହ ବିବାହ ହୋଇଥିଲା। ବିବାହ ପରେ ଗୁପ୍ତେଶ୍ୱରୀଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେବା ସହ ମାରଧର କରୁଥିଲେ। ଏ ନେଇ ୨୦୧୪ ଠାରୁ ଥାନାରେ ୪ଟି ମାମଲା ହୋଇଛି। ସେସବୁ ମାମଲା କୋର୍ଟରେ ବିଚାରଧୀନ ରହିଛି। ଗୁପ୍ତେଶ୍ୱରୀଙ୍କ ସ୍ୱାମୀ ମୁମ୍ବାଇରେ ଏକ କମ୍ପାନୀରେ କାମ କରନ୍ତି। ଦୀର୍ଘ ଦିନ ଧରି ଗୁପ୍ତେଶ୍ୱରୀ ବାପଘରେ ରହୁଥିବା ବେଳେ ୨ଦିନ ତଳେ ବେଲଗାଁକୁ ଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରାସ୍ତାରୁ ଉଦ୍ଧାର କରି ପ୍ରଥମେ ବେଲଗାଁ ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଗୁରୁବାର ରାତିରେ ଶଶୁର ଘର ଲୋକେ ଗୁପ୍ତେଶ୍ୱରୀଙ୍କୁ ମାରଧର କରି ଘର ଭିତରୁ ବାହାର କରିଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ମାମଲା କୋର୍ଟରେ ବିଚାରାଧୀନ ରହିଥିବା ବେଳେ ଘର ଲୋକଙ୍କ ଅନୁପସ୍ଥିତିରେ ଗୁପ୍ତେଶ୍ୱରୀ ତାଲା ଭାଙ୍ଗି ଘରେ ପଶିଥିବା ତାଙ୍କ ଶ୍ୱଶୁର ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ସୁଦ୍ଧା ଏହି ଘଟଣା ନେଇ ଥାନାରେ କୌଣସି ମାମଲା ହୋଇନାହିଁ। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### କୋଦଳାରେ ସମବାୟ ସପ୍ତାହ ପାଳିତ

କୋଦଳା,୧୬।୧୧(ଡି.ଏନ୍.ଏ.)-କୋଦଳା ସମବାୟ କେନ୍ଦ୍ର ବ୍ୟାଙ୍କ ପ୍ରାଙ୍ଗଣରେ ଶୁକ୍ରବାର ସର୍ବଭାରତୀୟ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ବ୍ୟାଙ୍କର ସହ ପରିଚାଳକ ଶ୍ରୀକାନ୍ତ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ସଭାପତି ବିରେନ୍ଦ୍ର କେଶରୀ ଆରୁଖ, ମୁଖ୍ୟବକ୍ତା ଭାବେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଏଜିଏମ୍ ଟି. ଗୋବିନ୍ଦ ରେଡ୍ଡୀ, ଏଆରଇଏ ନିର୍ଦ୍ଦେଶକ କପିଳେଶ୍ୱର ପଣ୍ଡାଙ୍କ ସମେତ ୧୪ଟି ସେବା ସମବାୟ ସମିତିର ପରିଚାଳନା ପରିଷଦର ସ୍ଥାୟୀ ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଗୋପାଳପୁର,୧୬।୧୧-ବଡ଼କୁଶସ୍ଥଳୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତି ଏହାକୁ ଉଦଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ। ମାନସିକ ସୁସ୍ଥତା ଓ ଶାରିରୀକ ବିକାଶ ପାଇଁ କ୍ରୀଡ଼ା ମାଧ୍ୟମ ହୋଇଥିବାରୁ ନିୟମିତ ଖେଳକୁଦ ଅଭ୍ୟାସ କରିବାକୁ ପିଲାଙ୍କୁ ପରାମର୍ଶ ଦିଆଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଟି. ବୈଜୟନ୍ତୀ ମାଳା ପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ମାପ, ଓଜନ ବିଭାଗ ପକ୍ଷରୁ ଚଢ଼ାଉ

### ୨୯ ହଜାର ଟଙ୍କା ଜରିମାନା ଆଦାୟ

ହିଞ୍ଜିଳିକାଟୁ,୧୬।୧୧(ଡି.ଏନ୍.ଏ.)- ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ତହସିଲ ପ୍ରଶାସନ ଓ ମାପ ଓଜନ ବିଭାଗ ପକ୍ଷରୁ ଗୁରୁବାର ହିଞ୍ଜିଳିକାଟୁ ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ମିଳିତ ଚଢ଼ାଉ କରାଯାଇଛି। ଶାଉଁଲେଇ, ବୁରୁପୋଡ଼ା, ପୋଡ଼ିଙ୍ଗି, କଞ୍ଚୁରୁ ଓ ହିଞ୍ଜିଳି ପ୍ରଭୃତି ଅଞ୍ଚଳର ବିଭିନ୍ନ ତେଜରାତି, ୱେଲଡିଂ, ଭେରାଇଟି ଷ୍ଟୋର,ପେଟ୍ରୋଲ ପମ୍ପ ଉପରେ ଚଢ଼ାଉ ହୋଇଥିଲା। ନିୟମ ଖିଲାପକାରୀ ୧୦ଜଣ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କଠାରୁ ୨୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ଦେବରାଜ ପାତ୍ର, ସହକାରୀ ନିୟନ୍ତ୍ରକ ବିଜୟ କୁମାର ଦାଶ, ବରିଷ୍ଠ ନିରୀକ୍ଷକ ସବିତା ପଣ୍ଡା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦିଗପହଣ୍ଡି ତହସିଲ ସମ୍ମୁଖରେ କିଷାନ ମଜଦୁର ସଭାର ବିକ୍ଷୋଭ

ଦିଗପହଣ୍ଡି,୧୬।୧୧(ଡି.ଏନ.ଏ.)



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ।

ଅଖିଳ ଭାରତ କିଷାନ ମଜଦୁର ସଭା ପକ୍ଷରୁ ଶୁକ୍ରବାର ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କିଷାନ ମଜଦୁର ସଭାର ଦିଗପହଣ୍ଡି ବ୍ଲକ କମିଟି ସମ୍ପାଦକ ଲଡୁ କିଶୋର ଡାକୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଦରଦାମ ନିୟନ୍ତ୍ରଣରେ ସରକାରଙ୍କ ବିଫଳତା, ଚାଷୀ ଓ ଚାଷର ସୁରକ୍ଷା ଦିଗରେ କ୍ରମାଗତ ଅବହେଳା ସହ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦେଉନଥିବା କହିଥିଲେ। କ୍ଷମତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଘ ପରିବାର ଇସାରାରେ ଦେଶବାସୀଙ୍କ ଧର୍ମୀୟ ଭାବନା ସହ ଖେଳ ଖେଳୁଥିବା ଅଭିଯୋଗ କରିଥିଲେ। ପରେ କିଷାନ ମଜଦୁର ସଭାର ଗଞ୍ଜାମ ଜିଲା ସଭାପତି ପୀତବାସ ପ୍ରଧାନ, ସନ୍ତୋଷ ଗୀଡ଼ ଓ ନାରାୟଣ ବିଶୋୟୀଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କୁ ୯ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ ଫସଲ କ୍ଷତି ପୂରଣ ପ୍ରଦାନ କରାଯିବା, ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ କୃଷିଋଣ ପ୍ରଦାନ, ସମସ୍ତ ଭୂମିହୀନ, ବାସହୀନଙ୍କୁ ଜମି ଓ ଘରଡ଼ିହ ପଟ୍ଟା ପ୍ରଦାନ କରାଯିବା, ରାଶନକାର୍ଡ ପାଇନଥିବା ସମସ୍ତ ଗରିବ ଅସହାୟଙ୍କୁ ରାଶନକାର୍ଡ ପ୍ରଦାନ କରିବା, ସର୍ବନିମ୍ନ ଭତ୍ତା ଟଙ୍କା ୩ ହଜାର ଟଙ୍କାକୁ ବୃଦ୍ଧି କରାଯିବା ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

# ଖରିଫ ଶସ୍ୟ ବୀମା ପାଇବାରୁ କୋଦଳା ଚାଷୀ ବଞ୍ଚିତ

କୋଦଳା,୧୬।୧୧(ଡି.ଏନ୍.ଏ.)

ଆସିକା କୋ ଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ କୋଦଳା ଶାଖା ଅଧିନରେ ୭ଟି ସେବା ସମବାୟ ସମିତି ରହିଛି। ସେଗୁଡିକ ହେଲା ମଠସରିଂ, ଜେ.ଛଚିନା, କାଳିମେଘି, କେ. ରାଣିପଡା, ଇ.ବେଲପଡା, ଫାସି ଓ କୋଦଳା। ୨୦୧୭ ରେ ହୋଇଥିବା ଲଗାଣ ବର୍ଷାରେ ଅଞ୍ଚଳର ଶହଶହ ଏକର ଖରିଫ ଫସଲ ନଷ୍ଟ ହୋଇଥିଲା। କୋଦଳା ସମିତି ଅଧୀନରେ ଥିବା ୭ଟି ସମିତିରୁ ୬ଟିର ଚାଷୀ ଗତ ଜୁନ୍‌ରୁ କ୍ଷତିପୂରଣ ବୀମାରାଶି ପାଇଥିବାବେଳେ କୋଦଳା ସେବା ସମବାୟ ସମିତି ଅଧିନରେ ଥିବା ଚାଷୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଅନ୍ୟ ସମିତି ଅପେକ୍ଷା କୋଦଳାର ଚାଷୀ ବେଶି କ୍ଷତିଗ୍ରସ୍ତ ହୋଇଥିବାରୁ ତୁରନ୍ତ କ୍ଷତିପୂରଣ ପାଇଁ ଚାଷୀ ଦାବି କରିଛନ୍ତି। ଏନେଇ କୋଦଳା ସେବା ସମବାୟ ସମିତି ସମ୍ପାଦକ ଭଗବାନ ଖୁଣ୍ଟିଆଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏନେଇ ଚାଷୀମାନଙ୍କ ଅଭିଯୋଗକ୍ରମେ ଗତ ୨୫ ଅକ୍ଟୋବରରେ ଭୁବନେଶ୍ୱର ସମବାୟ ସମିତି ନିବନ୍ଧକ, ଟାଟା ଏଆଇଜି ବୀମା କମ୍ପାନୀ, ଗଞ୍ଜାମ ଜିଲାପାଳ, ଡିଆର୍‌ସିଏସ୍ ବ୍ରହ୍ମପୁର, ଏଆରସିଏସ୍ ଛତ୍ରପୁର, ଆସିକା ଓ କୋଦଳା କୋ ଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କକୁ ଲିଖିତ ଭାବେ ଅଭିଯୋଗ କରି ଚାଷି କ୍ଷତିପୂରଣ ବୀମାରାଶି ପାଇଁ ଚେଷ୍ଟା କରୁଛୁ ବୋଲି କହିଛନ୍ତି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଗଣଧାରଣା



ଚାଷୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କୋଦଳା,୧୬।୧୧(ଡି.ଏନ୍.ଏ.)

କୋଦଳା ଓ ବେଗୁନିଆପଡ଼ା ବ୍ଲକ ଅଞ୍ଚଳରେ ଥିବା ଋଷିକୁଲ୍ୟା ରୟତ ମହା ସଭା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବହୁ ଚାଷୀ ବିଭିନ୍ନ ଦାବି ନେଇ ଗଣଧାରଣା ଦେଇଛନ୍ତି। ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଅଞ୍ଚଳର ହଜାର ହଜାର ଚାଷୀ ସ୍ଥାନୀୟ ଦଣ୍ଡୀଶ୍ୱର ପୀଠରୁ ଏକ ଶୋଭାଯାତ୍ରା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତିତ୍‌ଲି ଓ ଚକଡ଼ା ପୋକା ସହ ୨୦୧୭ ଅଦିନିଆ ବର୍ଷାରେ ଚାଷୀଙ୍କ କ୍ଷତିପୂରଣ ଆଦି ୧୬ଟି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସବ୍‌ଡିଭିଜନ ସଂଯୋଜକ ସୀତାରାମ ପାଣିଗ୍ରାହୀ, ସବ୍ ଡିଭିଜନ ଆବାହକ ବିଜୟ କୁମାର ସ୍ୱାଇଁ, ଉକ୍ତ ମହାସଭାର ଉପଦେଷ୍ଟା ବ୍ରଜ କିଶୋର ତ୍ରିପାଠୀ, ମୋହନା ସ୍ୱାଇଁ, କବିରାଜ ସ୍ୱାଇଁ, ଆବାହକ ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

■ ଗଣ୍ଡଗୋଳ ଘଟଣା

# ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ, ଆହତ ବ୍ୟକ୍ତିଙ୍କୁ କୋର୍ଟଚାଲାଣ

ଜଗନ୍ନାଥପ୍ରସାଦ,୧୬।୧୧


ଆହତ ପ୍ରତାପ

ଜଗନ୍ନାଥପ୍ରସାଦ ଥାନା ଜିରାବାଡ଼ି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ପ୍ରତାପ କୁମାର ପ୍ରଧାନ ଏବଂ ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ଅନାଦି ବେହେରାଙ୍କ ମଧ୍ୟରେ ଗଣ୍ଡଗୋଳ ସହ ମାରପିଟ ହୋଇଥିଲା। ଏ ନେଇ ଉଭୟଙ୍କ ଏତଲାକୁ ଭିତ୍ତିକରି ୧୮୦, ୧୮୧/୧୮ରେ ମାମଲା ରୁଜୁ କରି ପ୍ରତାପ ଓ ଅନାଦିଙ୍କୁ ପୋଲିସ ଶୁକ୍ରବାର ଭଞ୍ଜନଗର କୋର୍ଟଚାଲାଣ କରିଛି।

ଏତଲା ପ୍ରକାରେ ଗୁରୁବାର ଅନାଦି ଓ ତାଙ୍କର ସହଯୋଗି ଶିବରାମ ପାତ୍ର ମିଶି ଅନାଦିଙ୍କ କାର୍‌ରେ ନିଜ ଗ୍ରାମ ଜିରାବାଡ଼ିକୁ ଫେରୁଥିଲେ। ଜଗନ୍ନାଥପ୍ରସାଦ ବଜାର ଶେଷରେ ଥିବା ମହାଲକ୍ଷ୍ମୀ କମ୍ପ୍ଲେକ୍ସ ସାମ୍ନା ରାସ୍ତାରେ ପ୍ରତାପ ନିଜ ବାଇକ ରଖି ଫୋନରେ କଥା ହେଉଥିବାବେଳେ ଅନାଦିଙ୍କ କାର ପ୍ରତାପଙ୍କ ବାଇକୁ ପଛରୁ ଧକ୍କା ଦେଇଥିଲା। ପ୍ରତାପ ଘଟଣାକୁ ବିରୋଧ କରିଥିଲେ। ଏନେଇ ଅନାଦି ଓ ଶିବ ମିଳିତ ହୋଇ କାରରେ ଥିବା ଏକ ଲୁହାରଡ଼ ଆଣି ପ୍ରତାପଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଉକ୍ତ ଗ୍ରାମର ହରିକୃଷ୍ଣ ବିଶୋୟୀ ଆହତ ପ୍ରତାପଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ହେବା ପରେ ଥାନାରେ ଲିଖିତ ଅଭିଯୋଗ ଜଣାଇଥିଲେ। ଅପରପକ୍ଷରେ ଅନାଦିଙ୍କ ଗାଡ଼ିକୁ ବାଟରେ ଅଟକାଇ ଗାଳିଗୁଲଜ କରି ଜୀବନରେ ମାରିଦେବା ପ୍ରୟାସ କରିଥିବା ଘଟଣାରେ ପ୍ରତାପଙ୍କ ବିରୋଧରେ ଅନାଦି ଥାନାରେ ଏତଲା ଦେଇଥିଲେ। ଏହାର ତଦନ୍ତ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଏବଂ ଶିବରାମଙ୍କୁ ପୋଲିସ ଖୋଜୁଥିବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି।

## ୩ ଦିନିଆ ସିଲେଇ ତାଲିମ ଶିବିର ଉଦ୍‌ଯାପିତ

ବୁଗୁଡ଼ା,୧୬।୧୧(ଡି.ଏନ.ଏ.)

ବୁଗୁଡ଼ା ଭାରତ ନିର୍ମାଣ ରାଜୀବ ସେବା କେନ୍ଦ୍ରରେ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ୩ ଦିନିଆ ମହିଳାଙ୍କ ପାଇଁ ସିଲେଇ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମହିଳା ସ୍ୱାବଲମ୍ବନଶୀଳ ସକାଶେ ଆୟୋଜିତ ଶିବିରକୁ ବିଏସ୍ଏସ୍‌ଓ ସୁପ୍ରିୟା ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଡ. କୁମୁଦ ଚନ୍ଦ୍ର ବେହେରା ଏହାକୁ ପରିଚାଳନା କରିଥିଲେ। ଶିବିରରେ ୨୦ ମହିଳାଙ୍କୁ ସିଲେଇ ତାଲିମ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଅନ୍ୟାନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

# ସୌରା ସମ୍ପ୍ରଦାୟର ଧର୍ମୀୟ ସମ୍ମିଳନୀ


ସମ୍ମିଳନୀରେ ଯୋଗ ଦେଇଥିବା ଆଦିବାସୀ।

ଧରାକୋଟ,୧୬।୧୧(ଡି.ଏନ୍.ଏ.)

ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତର ନବକେଶର ଅଦିବାସୀମାନଙ୍କର ଏକ ଧର୍ମୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି, ଗଞ୍ଜାମ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ସାକା ସୁଜିତ ସମ୍ମାନିତ ଅତିଥି, ସାମାଜିକକର୍ମୀ ଦୟାନିଧି ସେଠୀ, ଜିଲା ଯୁବ କଂଗ୍ରେସ ସମ୍ପାଦକ ସୁନୀଲ ଚୌଧୁରୀ, ବାବୁଲା ସ୍ୱାଇଁ, ବିଜୟ ମଣ୍ଡଳ, ଚିନ୍ମୟ କୁମାର ହୋତା ପ୍ରମୁଖ ଯୋଗ ଦେଇଥିଲେ। ଫାଦର ଅମୀନ ଗମାଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଫାଦର ତେଲଗୁ ମଣ୍ଡଳ କାର୍ଯ୍ୟକ୍ର ସଂଯୋଜନା କରିଥିଲେ। ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଭାଇଚାର ଜନଜାତିମାନଙ୍କ ମଧ୍ୟରେ ମୌଳିକତା ବଜାୟ ରଖିବା ନେଇ ଅତିଥିମାନେ କହିଥିଲେ। ଦାସିଆ ଦଳ ବେହେରା, ଜ୍ୟେଷ୍ଠ ରଇତ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ରାଇକିଆରୁ ପାଡ଼ାସି ବସ୍ ଚଳାଚଳ ଦାବି

ରାଇକିଆ,୧୬।୧୧(ଡି.ଏନ.ଏ)

କନ୍ଧମାଳ ଜିଲା ରାଇକିଆ ବ୍ଲକର ଗୁମାମାହା ପଞ୍ଚାୟତର ପାଡାସି ଠାରୁ ଭାୟା ସୁଗଡ଼ବାଡି ଦେଇ ଫୁଲବାଣୀ ପର୍ଯ୍ୟନ୍ତ ବସ ଚଳାଚଳ ପାଇଁ ଦାବି ହେଉଛି। ଏନେଇ ଗୁମାମାହା ସରପଞ୍ଚ ବିସ୍କେସେନ ପ୍ରଧାନ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ଏହି ପଞ୍ଚାୟତକୁ କୌଣସି ବସ ନିୟମିତ ଚଳାଚଳ କରୁ ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମଣ୍ଡାସର କୁଟୀ ଭଳି ପର୍ଯ୍ୟଟନ କେନ୍ଦ୍ର ଯୋଗୁ ଏହି ଅଞ୍ଚଳରେ ଜନ ଗହଳି ଲାଗି ରହୁଛି। କୌଣସି ବସ ଚଳାଚଳ ହେଉ ନ ଥିବା ଯୋଗୁ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟତ କରୁଛନ୍ତି। ସେହିପରି ଜିଲା ମୁଖ୍ୟଦପ୍ତରକୁ ମଧ୍ୟ ଜରୁରୀ କାମରେ ଯିବାପାଇଁ ଲୋକଙ୍କୁ ସମସ୍ୟା ହେଉଛି। ଖୁବଶୀଘ୍ର ବସ ଚଳାଚଳ ପାଇଁ ଦାବି ହେଉଛି।

■ ହାପି ସ୍କୁଲ ଉଦ୍‌ଘାଟିତ

# ୧୮୫ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ

ଗୋପାଳପୁର,୧୬।୧୧



ଅତୀଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଶିତବସ୍ତ୍ର ବଣ୍ଟନ।

ରଙ୍ଗେଇଲୁଣ୍ଡା ବ୍ଲକ ବଡ଼ଗୁମୁଳା ଗ୍ରାମସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହାପି ସ୍କୁଲ ଉଦ୍‌ଘାଟନ କାର୍ଯ୍ୟକ୍ରମ ଇନର ହ୍ୱିଲ କ୍ଲବ ବ୍ରହ୍ମପୁର ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କ୍ଲବର ଜିଲା ଅଧ୍ୟକ୍ଷ କ୍ରିଷ୍ଣା ମହାନ୍ତି ମୁଖ୍ୟଅତିଥି, ରଙ୍ଗେଇଲୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର ସମ୍ମାନିତ ଅତିଥି, ସଂଯୋଜକ ମମତା ଅଗ୍ରୱାଲ, ସୀତା ପଙ୍ଗଲ ଯୋଗ ଦେଇଥିଲେ। ଆଗାମୀ ୨ ବର୍ଷ ପାଇଁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କ୍ଲବ ପକ୍ଷରୁ ସାହାଯ୍ୟ ସହଯୋଗ କରାଯିବ ବୋଲି ସୂଚନା ଦେବା ସହ ହେପି ସ୍କୁଲକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୮୫ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ, ସାର୍ଟ, ଶୀତବସ୍ତ୍ର, ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟକୁ ଏକ୍ୱାଗାର୍ଡ, ଫ୍ୟାନ, ଡଷ୍ଟବିନ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଇଥିଲା। ୬ଷ୍ଠ, ୭ମ ଓ ୮ମ ଛାତ୍ରୀଛାତ୍ରଙ୍କ ନିମନ୍ତେ ବସିବା ପାଇଁ ଚ୍ୟାର ଟେବୁଲର ବ୍ୟବସ୍ଥା କରାଯାଇଥିଲା। ମୋ ସ୍କୁଲ ଯୋଜନାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ତଳେ ବସିବା ନା ନିୟମ ରହିଥିବା ବେଳେ ଆଗାମୀ ଦିନରେ ଉକ୍ତ ସ୍କୁଲରେ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଚ୍ୟାର ଟେବୁଲ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ସରପଞ୍ଚ କୃଷ୍ଣମୋହନ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟବତୀ ପାତ୍ର, ଅଳିଭା ମଣ୍ଡଳ, କୈଳାସ ଶବର, ଜି. ସିମାଦ୍ରୀ ରେଡ୍ଡୀ, ଶ୍ରୀନିବାସ ରେଡ୍ଡୀ, ସରିତା ଓ ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ।

# ବନ୍ଦ ହୋଇନି ବାହ୍ୟ ମଳତ୍ୟାଗ


ସଚେତନତା ପାଇଁ ଗ୍ରାମ ପରିକ୍ରମା କରୁଛନ୍ତି।

କୁକୁଡ଼ାଖଣ୍ଡି,୧୬।୧୧(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ

କୁକୁଡ଼ାଖଣ୍ଡି ବ୍ଲକର ୨୨ଟି ପଞ୍ଚାୟତରେ ଏଯାବତ୍ ବାହ୍ୟ ମଳତ୍ୟାଗ ବନ୍ଦ ହୋଇପାରିନାହିଁ। ଏହା ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଏବଂ ବ୍ଲକ ପ୍ରଶାସନର ଉଦ୍ୟମ ଫେଲ୍ ମାରିଛି। ଯାହାର ଶୌଚାଳୟ ନାହିଁ ସେହି ପରିବାରକୁ କେନ୍ଦ୍ର ସରକାର ଶୌଚାଳୟ ନିର୍ମାଣ ପାଇଁ ୧୨ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ଏହା ସଚେତନ କରାଇବା ଉଦ୍ଦେଶ୍ୟରେ କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ପଞ୍ଚାୟତରେ ପରିମଳ ସଚେତନ କାର୍ଯ୍ୟକ୍ରମ ଶୁକ୍ରବାର ହୋଇଯାଇଛି। ଗଞ୍ଜାମ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କୁକୁଡ଼ାଖଣ୍ଡି ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଜିଲା ପରିଷଦ ସଭ୍ୟା ନିରୁପମା ପାତ୍ର ପ୍ରମୁଖ ଯୋଗଦେଇ ଗ୍ରାମର ଲୋକଙ୍କୁ ଗୋଲାପ ଫୁଲ ଦେଇ ପରିମଳ ପାଇଁ ସଚେତନ କରାଇଥିଲେ। ଆୟୋଜିତ ସଭାରେ ଗ୍ରାମକୁ କିଭଳି ପରିମଳ ରଖାଯିବ କୁକୁଡ଼ାଖଣ୍ଡି ବିଡିଓ ଓ ଗଞ୍ଜାମ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ପଞ୍ଚାୟତମାନଙ୍କରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଡିଓଙ୍କୁ ବଦଳି ନ କରିବା ନେଇ ବିଜେଡି କର୍ମୀଙ୍କ ରାଲି

ଆର.ଉଦୟଗିରି,୧୬।୧୧(ଡି.ଏନ.ଏ.)


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗଜପତି ଜିଲା ନୂଆଗଡ଼ ବ୍ଲକର ବିଡିଓ କ୍ଷୀରୋଦ୍ଧି ବେହେରାଙ୍କୁ ବଦଳି ନ କରିବାକୁ ନେଇ ବିଜେଡିର ଶୁକ୍ରବାର ଏକ ରାଲି ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓ ବେହେରାଙ୍କୁ ବଦଳି କରିବା ଦାବି ନେଇ କଂଗ୍ରେସ ଓ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ଚାବି ପକାଇ ଅନଶନରେ ମଙ୍ଗଳବାର ଓ ବୁଧବାର ବସି ରହିଥିଲେ। ପରେ ଜିଲାପାଳ ଅନଶନରେ ବସିଥିବା ବ୍ୟକ୍ତିଙ୍କୁ ଡାକି ଜିଲା କାର୍ଯ୍ୟାଳୟରେ ଜିଲାପାଳ ଅନୁପ ସାହା ୨୧ ଦିନ ପରେ ବିଡିଓଙ୍କୁ ରିଲିଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାଶୁଣି ଶୁକ୍ରବାର ବିଜେଡି ସରପଞ୍ଚ, ସମିତିସଭ୍ୟ ଏବଂ କର୍ମୀ ଏକତ୍ରିତ ହୋଇ ନୂଆଗଡ଼ ନାଳରୁ ଏକ ରାଲିରେ ବାହାରି ବିଡିଓଙ୍କୁ ବଦଳି ନ କରିବା ସ୍ଲୋଗାନ ଦେଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୁରୁ ସରପଞ୍ଚ ଯାକବ ମାଝୀ, ବଡ଼ପଦା ସମିତିସଭ୍ୟ ପ୍ରେମା ରଇତ, ଅତରସିଂ ସମିତିସଭ୍ୟ ସୁଶାନ୍ତ ରାଉତ, କ୍ରିଷ୍ଣା ନାୟକ, ହୃଦପାଣିଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ସମିତିସଭ୍ୟ ପ୍ରେମା ରଇତ ନିଜ ବକ୍ତବ୍ୟରେ କହିଥିଲେ କିଛି ମୁଷ୍ଟିମେୟ ଲୋକ ବିଡିଓଙ୍କୁ ବଦଳି କରିବା ପାଇଁ ଦାବି କରୁଛନ୍ତି। ବିଡିଓଙ୍କ ବଦଳି ଯଦି ହୁଏ ତିତ୍‌ଲି ବାତ୍ୟାର କ୍ଷୟକ୍ଷତି ଆକଳନ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ସେଥିପାଇଁ ଏହି ବିଡିଓଙ୍କୁ ବଦଳି ନ କରିବାକୁ ଆମର ଦାବି ବୋଲି କହିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ପ୍ରଫୁଲ୍ଲ କୁଜୁରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଭାଜପା ଓ କଂଗ୍ରେସର ନୂଆଗଡ଼ ସରପଞ୍ଚ ହୀନ ମଣ୍ଡଳଙ୍କ ସହ ଯୋଗଯୋଗ କରିବାରେ ସେ କହିଥିଲେ ବିଜେଡିର କିଛି ହାତ ଗଣତି ପ୍ରତିନିଧି ଏବଂ କର୍ମୀ ବିଡିଓଙ୍କ ବଦଳି ହୋଇଗଲେ ସେମାନଙ୍କ ଅସୁବିଧା ହେବ ବୋଲି ଏହି ରାଲି କରାଯାଇଛି। ଯଦି ବିଡିଓ ପ୍ରମୋଶନରେ ବଦଳି ହୋଇଥିଲେ ମଧ୍ୟ ସେ କାହିଁକି ନ ଯାଇ ନୂଆଗଡ଼ରେ ରହିବା ପାଇଁ କୋର୍ଟର ଆଶ୍ରୟ ନେଇଛନ୍ତି ବୋଲି ସେ କହିଥିଲେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଏମ୍‌ଏଭି ସ୍କୁଲ ବାର୍ଷିକ କ୍ରୀଡ଼ା। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍। ସମୟ-ସକାଳ ୭ଟା ।
- ଆଇଟି ଚାମ୍ପିୟନଶିପ୍ ସିରିଜ ଉଦ୍‌ଘାଟନ। ସ୍ଥାନ-ୟୁନିୟନ୍ କ୍ଲବ। ସମୟ-ସକାଳ ୯ଟା ।
- ଗଞ୍ଜାମ ଜିଲା ଭଲିବଲ୍ ମହାସଂଘ ଗଠନ। ସ୍ଥାନ-କାର୍ଗିଲ୍ ସ୍କେଟିଂ କ୍ଲବ। ସମୟ-ସନ୍ଧ୍ୟା ୫ଟା ।

■ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ପ୍ରସଙ୍ଗ: ପୂର୍ବତନ ବାଚସ୍ପତି ଚିନ୍ତାମଣିଙ୍କ ପ୍ରତିକ୍ରିୟା

# ଯୋଜନା, ସମନ୍ୱୟ ମନ୍ତ୍ରୀଙ୍କ ତଥ୍ୟ ଭିନ୍ନ

**କେବଳ ଭୋଟ ରାଜନୀତି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି**

ବ୍ରହ୍ମପୁର ଅଫିସ,୧୬।୧୧

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ ପୁଣି ଉଠାଇଛି ବିଜେଡି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅବହେଳାକୁ ଦାୟୀ କରାଯାଇଛି। ଶୁକ୍ରବାର ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ଗୃହରେ ଏହାକୁ ପ୍ରସଙ୍ଗ କରାଯିବ ବୋଲି ବିଜେଡି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ବିଜେଡିର ଏହି ଦାବି ଏକ ପ୍ରହସନ ହୋଇଥିବା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗରେ ଶାସକ ଦଳର ଦାବି ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀଙ୍କ ତଥ୍ୟ ମଧ୍ୟରେ ତାଳମେଳ ନ ଥିବାରୁ କେବଳ ଭୋଟ ରାଜନୀତି ପାଇଁ ଉଦ୍ଦିଷ୍ଟ ଥିବା ସେ ଅଭିଯୋଗ କରିଛନ୍ତି ।

ପୂର୍ବତନ ବାଚସ୍ପତି କହିଛନ୍ତି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ବିଜେଡି ବହୁବାର ଆନ୍ଦୋଳନ କରିଛି । ଓଡ଼ିଶା ପାଇଁ ଏହା ହକ୍ ଥିବା କୁହାଯାଇଛି । ଅପରପକ୍ଷରେ ଏପ୍ରିଲ ମାସରେ ବିଧାନସଭାରେ ହୋଇଥିବା ପ୍ରଶ୍ନର ଉତ୍ତରରେ ଯୋଜନା ମନ୍ତ୍ରୀ ଉଷା ଦେବୀ କହିଥିଲେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଯୋଗ୍ୟ ନୁହେଁ । ଏଥିପାଇଁ ଯେଉଁ ମାନଦଣ୍ଡ ରହିଛି ତାହା ଭିତ୍ତିରେ ଓଡ଼ିଶା ଅନ୍ତର୍ଭୁକ୍ତ ହୋଇପାରୁନାହିଁ । ରାଜ୍ୟର ସୀମା ଅନ୍ୟ ରାଷ୍ଟ୍ର ସହ ସଂଲଗ୍ନ ହୋଇନାହିଁ । ରାଜ୍ୟର ଅର୍ଥନୀତି ମଧ୍ୟ ଦୁର୍ବଳ ନୁହେଁ । ଏହି ଦୁଇଟି ଦାବି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନିମନ୍ତେ ଜରୁରୀ ହୋଇଛି । ତେଣୁ ଶାସକ ଦଳ ଏବଂ ମନ୍ତ୍ରୀଙ୍କ ଉତ୍ତର ମଧ୍ୟରେ ତାଳମେଳ ନ ଥିବା ସ୍ପଷ୍ଟ ହୋଇଛି ।

କେନ୍ଦ୍ର ସରକାରଙ୍କ ବିନା ସହଯୋଗରେ ରାଜ୍ୟ ସରକାର ବିଭିନ୍ନ ଜନ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଥିବା ଶାସକ ଦଳ ପକ୍ଷରୁ ବ୍ୟାପକ ପ୍ରଚାର କରାଯାଉଛି । ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା ଆଦି କାର୍ଯ୍ୟକାରୀ କରାଯାଉଛି । ତେଣୁ ରାଜ୍ୟର ଅର୍ଥନୀତି ସ୍ୱଚ୍ଛଳ ଥିବା ସ୍ପଷ୍ଟ ହୋଇଛି । ଅପରପକ୍ଷରେ ୨୦୦୦ରୁ ୨୦୦୮ ପର୍ଯ୍ୟନ୍ତ ବିଜେଡି ସରକାର କେନ୍ଦ୍ର ଏନଡିଏ ସରକାର ସହ ଗଠବନ୍ଧନରେ ଥିଲା । ସେହି ସମୟରେ ଏହି ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀ କାହିଁକି ସ୍ୱର ଉତ୍ତୋଳନ ଏବଂ କେନ୍ଦ୍ର ଉପରେ ଚାପ ପକାଇନଥିଲେ ବୋଲି ଦ୍ୟାନ ସାମନ୍ତରା ପ୍ରଶ୍ନ କରିଛନ୍ତି । ୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜୁ ଜନତା ଦଳ ଓ ରାଜ୍ୟ ସରକାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ସ୍ୱର ଉତ୍ତୋଳନ କରିବା ଭୋଟ ରାଜନୀତି ପାଇଁ ଉଦ୍ଦିଷ୍ଟ ହୋଇଥିବା ଚିନ୍ତାମଣି ସମାଲୋଚନା କରିଛନ୍ତି ।

## ବିଶ୍ୱ ଦର୍ଶନଶାସ୍ତ୍ର ଦିବସ

**ବ୍ରହ୍ମପୁର ଅଫିସ,୧୬।୧୧:** ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ତରଫରୁ ବିଶ୍ୱ ଦର୍ଶନ ଦିବସ ପାଳନ ଅବସରରେ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି । ଜର୍ମାନ୍ ଦାର୍ଶନିକ ଫ୍ରାଇଡ୍ରିକ୍ ନିଟଜଚେ'ଙ୍କ ଜୀବନ, ଦର୍ଶନ, ନୀତି ଓ ମୂଲ୍ୟବୋଧ ସଂପର୍କରେ ଆଲୋଚନା କରାଯାଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଡ. ପତିତ ପାବନ ଦାସ, ଅବସରପ୍ରାପ୍ତ ଦର୍ଶନଶାସ୍ତ୍ରର ଅଧ୍ୟାପକ ଡ. ଗଦାଧର ବେହେରା, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଶତପଥୀ ଏବଂ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଡ. ଜତିନ୍ ବିଷୋୟୀ ଅତିଥି ଭାବେ ଯୋଗଦେଇଥିଲେ । ଅଧ୍ୟାପକ ସତ୍ୟପ୍ରକାଶ ମିଶ୍ର ଅନ୍ୟତନ ଅତିଥି ଭାବେ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟାପିକା ଡ. ଅନିତା ଦଳେଇ ଧନ୍ୟବାଦ ଦେଇଥିଲେ ।

## ଚିତ୍ତ ଜେନାଙ୍କ ସ୍ମୃତିଚାରଣ

**ବ୍ରହ୍ମପୁର ଅଫିସ,୧୬।୧୧:** ଅଭିନୟ ଜଗତ ପକ୍ଷରୁ ସ୍ଥାନୀୟ ଅନ୍ୱେଷା କଳାକେନ୍ଦ୍ର ପରିସରରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ଚିତ୍ତ ଜେନାଙ୍କ ବିୟୋଗରେ ଶୁକ୍ରବାର ସ୍ମୃତିଚାରଣ ସଭା ହୋଇଯାଇଛି । ଡ. ମିହିର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉଷାରାଣୀ ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ରାଜୁ ପାଢୀ, ତ୍ରିପତି ନାୟକ, ପି. ସୁବାସ ପାତ୍ର, କୈଳାଶ ପାଣିଗ୍ରାହୀ, ସୁବାସ ସାହୁ, ସୁଦୀପ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଆଗାମୀ ଦିନରେ ଚିତ୍ତ ଜେନାଙ୍କ ସ୍ମୃତିରେ ଏକ ସଙ୍ଗୀତ ସନ୍ଧ୍ୟା ଆୟୋଜନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ।

## ରାମଗିରି ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଅବହେଳିତ

**ପାରଳାଖେମୁଣ୍ଡି/ରାମଗିରି,୧୬।୧୧ (ସ୍ୱ.ପ୍ର./ଡି.ଏନ୍.ଏ.):** ଗଜପତି ଜିଲା ଆର୍.ଉଦୟଗିରି ବ୍ଲକର ରାମଗିରିସ୍ଥିତ ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମରାମତି ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ତିତ୍‌ଲି ବାତ୍ୟାରେ ଏହା କ୍ଷତିଗ୍ରସ୍ତ ହୋଇଥିଲା । କାର୍ଯ୍ୟାଳୟ ଛାତରୁ ଆଜବେଷ୍ଟସ୍ ଉଡ଼ିଯାଇଥିଲା। ଏପର୍ଯ୍ୟନ୍ତ ତାହାକୁ ମରାମତି କରାଯାଇନାହିଁ। ଉକ୍ତ ଭଙ୍ଗାଘରେ ବର୍ତ୍ତମାନ କାର୍ଯ୍ୟାଳୟ ଚାଲିଛି । ୧୯୬୬ ମସିହାରେ ରାମଗିରିଠାରେ ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ଏହା ଉପରେ ୮ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ତେବେ ଏଠାରେ ଅନେକ ସମସ୍ୟା ଲାଗିରହିଛି। ଷ୍ଟାଫ୍ କ୍ୱାର୍ଟର୍ସ ନ ଥିବାରୁ ପ୍ରାଣୀଧନ ନିରୀକ୍ଷକ ବାହାରେ ଭଡା ରହୁଛନ୍ତି । ରାତି ସମୟରେ କୌଣସି ବ୍ୟକ୍ତି ଗୃହପାଳିତ ପଶୁକୁ ଚିକିତ୍ସା ପାଇଁ ଆଣିଲେ ହଇରାଣ ହେଉଛନ୍ତି।

# ରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ: ଗଞ୍ଜାମ ଦଳ ମନୋନୀତ



କ୍ରୀଡ଼ା ସଂସଦ କର୍ମକର୍ତ୍ତାଙ୍କ ସହ ଗଞ୍ଜାମ ଜିଲାର ଖେଳାଳମାନେ ।

ବ୍ରହ୍ମପୁର ଅଫିସ,୧୬।୧୧

ସମ୍ବଲପୁରର ହୀରାକୁଦଠାରେ ୧୮ରୁ ୨୭ତାରିଖ ପର୍ଯ୍ୟନ୍ତ ୫୧ତମ ରାଜ୍ୟ ବରିଷ୍ଠ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଏହି ଟୁର୍ନାମେଣ୍ଟରେ ଖେଳିବା ପାଇଁ ଗଞ୍ଜାମ ଦଳ ମନୋନୀତ ହୋଇଯାଇଛି । ଦଳରେ ଆଶିଷ ବିଷୋୟୀ, କେ.ନୀଳକଣ୍ଠ ରେଡ୍ଡୀ, ସୁନିଲ ନାୟକ, ସୁନିଲ ଦାସ, ରାଜେଶ କୁମାର ବେହେରା, ସୁଶାନ୍ତ ସୋରେନ୍, ସୁବ୍ରତ କୁମାର ସ୍ୱାଇଁ, ଅଜିତ ମୁଖି, ସାଗର ଚୌଧୁରୀ, ପି.ରୂପକ ରାଓ, ସକିଲ ଟୁଡ୍ଡୁ, ତ୍ରିଦେବ ମୁଖି, କେ.ବାସୁ, ଚନ୍ଦ୍ର ମଣୀ, ଦୀପକ କୁମାର ମହାରଣା, ଶିବ ସୁନ୍ଦର ଦାସ, ପିଣ୍ଟୁ ବେହେରା, ଏନ୍.ବିଶାଳ କୁମାର ରାଓ ପ୍ରମୁଖ ରହିଛନ୍ତି । ଦଳର ମ୍ୟାନେଜର୍ ଭାବେ ରମେଶ ବେହେରା ଏବଂ କୋଚ୍ ଦାୟିତ୍ୱରେ ଦିଲୀପ କୁମାର ସାମନ୍ତରାୟ ରହିବେ । ଶନିବାର ଦଳ ସମ୍ବଲପୁର ଅଭିମୁଖେ ଯାତ୍ରା କରିବ । ରବିବାର ଗଞ୍ଜାମର ପ୍ରଥମ ମ୍ୟାଚ୍ ସୁନ୍ଦରଗଡ଼ ସହ ରହିଛି । ଦଳକୁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଫୁଟବଲ୍ ସମ୍ପାଦକ ସୀତାରାମ ବେବର୍ତ୍ତା, କର୍ମକର୍ତ୍ତା ବିଜୟ କୁମାର ପଟ୍ଟନାୟକ, ସୁରେନ୍ଦ୍ର ନାଥ, ତାରିଣୀ ଚରଣ ଶତପଥୀ, ଭିନ୍‌ସେଣ୍ଟ ଦାସ, ବସନ୍ତ ପାଣିଗ୍ରାହୀ, ଦୁର୍ଗା ପଟ୍ଟନାୟକ ଏବଂ ବିଜୟ ସିଂ ସାମନ୍ତ ପ୍ରମୁଖ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

## ଚାଚା ନେହେରୁ ବିଦ୍ୟାଳୟରେ ଶିଶୁ ଦିବସ

ବ୍ରହ୍ମପୁର ଅଫିସ,୧୬।୧୧

୧୧୨ ବର୍ଷର ପୁରାତନ ଶିକ୍ଷାନୁଷ୍ଠାନ ଚାଚା ନେହେରୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ ଶିଶୁ ଦିବସରେ ଅନୁଷ୍ଠିତ ହୋଇଥିଲା । ଗତ ୧୪ ତାରିଖରେ ସବୁବର୍ଷ ଭଳି ଶିଶୁ ଦିବସ ପାଳନ କରାଯାଇଥିଲା ଏବଂ ସନ୍ଧ୍ୟା ପରିବର୍ତ୍ତେ ସକାଳବେଳା ହୋଇଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ସାମନ୍ତରାୟ ସୂଚନା ଦେଇଛନ୍ତି। ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳନ ହୋଇନଥିବା ଖବରକୁ ସେ ଖଣ୍ଡନ କରିଛନ୍ତି । ତେବେ ଛାତ୍ରୀଛାତ୍ରଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଯୋଗୁ ଚଳିତ ବର୍ଷର ଉତ୍ସବ ଘୁଞ୍ଚାଇ ଦିଆଯାଇଛି। ଶିଶୁ ଦିବସ ଉପଲକ୍ଷେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ସିନିୟର ଓ ଜୁନିୟର ବିଭାଗର ୬ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ସିଆରସିଏସ ମମତା ପାଣିଗ୍ରାହୀଙ୍କ ସମେତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଧିକାଠ ଅଭିଭାବକ ଯୋଗଦେଇଥିଲେ ବୋଲି ସୂଚନା ଦେଇଛନ୍ତି ।

# ଖାଲି ପଡ଼ିଲା ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ



ବଡ ମେଡିକାଲର ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଶୁକ୍ରବାର ଖାଲି ପଡିଛି।

ବ୍ରହ୍ମପୁର ଅଫିସ,୧୬।୧୧

ବ୍ରହ୍ମପୁର ବଡ଼ ମେଡିକାଲର ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଶୁକ୍ରବାର ଖାଲି ପଡ଼ିଥିବା ଦେଖିବାକୁ ମିଳିଛି। ଚଳିତ ମାସରେ ଶୁକ୍ରବାର ସୁଦ୍ଧା ୨ ରୋଗୀ ରହିଥିବା ବେଳେ ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ନୂଆ ରୋଗୀ ଆସିଲେ ପୂର୍ବଭଳି ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସା ଚାଲିବ ବୋଲି ସୂଚନା ମିଳିଛି।

ଜୁଲାଇ ପ୍ରଥମ ସପ୍ତାହରୁ ବଡ଼ ମେଡିକାଲ ଏବଂ ସିଟି ହସ୍ପିଟାଲରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଖୋଲାଯାଇଥିଲା । ଉଭୟ ସ୍ଥାନରେ ପୁରୁଷ ଏବଂ ମହିଳାଙ୍କ ପାଇଁ ପୃଥକ ୨ଟି ଲେଖାଏ ୱାର୍ଡ ଖୋଲାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା। ତେବେ ସିଟି ହସ୍ପିଟାଲକୁ କୌଣସି ଡେଙ୍ଗୁ ରୋଗୀ ଯାଇ ନ ଥିବା ବେଳେ ବଡ ମେଡିକାଲରେ ମୋଟ ୩୧୫ ଜଣ ଚିକିତ୍ସା ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରେ କେବଳ ଗଞ୍ଜାମ ଜିଲାର ୧୪୩ ଜଣ ଥିଲେ। ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଆନ୍ଧ୍ରପ୍ରଦେଶ ସୀମାନ୍ତ ଶ୍ରୀକାକୁଲମ୍ ଜିଲା ଡୁଙ୍କୁରୁ ଗ୍ରାମର ୩, ଗଜପତି ଜିଲାର ଜଣେ ଏବଂ ରାୟଗଡା ଜିଲାର ଜଣଙ୍କର ମୃତ୍ୟୁ ଘଟିଥିଲା । ଡେଙ୍ଗୁ ୱାର୍ଡ ଖାଲି ପଡିଥିଲେ ମଧ୍ୟ କୌଣସି ରୋଗୀ ପଜିଟିଭ୍ ଚିହ୍ନଟ ହେଲେ ସେମାନଙ୍କୁ ଉକ୍ତ ୱାର୍ଡରେ ଭର୍ତ୍ତି କରାଯାଇ ପୂର୍ବପରି ଚିକିତ୍ସା ଜାରି ରହିବ ବୋଲି କାଜୁଆଲିଟି ମ୍ୟାନେଜର୍ ସରୋଜ ସାମଲ କହିଛନ୍ତି ।

# ମହିଳାଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ

ବ୍ରହ୍ମପୁର ଅଫିସ୍,୧୬।୧୧

ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଆକ୍ରମଣ କରିବା ମାମଲାରେ ଅଭିଯୁକ୍ତ ଭଗବାନ ବେହେରାଙ୍କୁ ଶୁକ୍ରବାର ଏସଡିଜେଏମ ୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ୫ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବା ପରେ ଅଦାଲତ ଏହି ରାୟ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ସୋରଳ ଗ୍ରାମର ଭବାନୀ ବେହେରାଙ୍କୁ ଭଗବାନ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବାରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ବିଶ୍ୱବିଦ୍ୟାଳୟ ଆକ୍ୟୁଏସି ସେଲର ଆଲୋଚନାଚକ୍ର




ମଞ୍ଚାସୀନ ଅତିଥିମାନେ।

ବ୍ରହ୍ମପୁର ଅଫିସ, ୧୬।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆକ୍ୟୁଏଏସି (ଇଣ୍ଟରନାଲ କ୍ୱାଲିଟି ଆକ୍ୟୁରେନ୍ସି ସେଲ) ପକ୍ଷରୁ 'ଇନହାନ୍ସଙ୍ଗ ରିସର୍ଚ୍ଚ କ୍ୱାଲିଟି ଆଣ୍ଡ ପ୍ରଡକ୍ଟିଭିଟି କ୍ଷେତ୍ରରେ ସ୍କୋପସର ବ୍ୟବହାର' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସିନେଟ ହଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଏଲସେଭିୟର ଦକ୍ଷିଣ ଏସିଆ ସଲ୍ୟୁସନ ସେଲସ ମ୍ୟାନେଜର ତହସିନ ଆଫ୍ରୋଜ ଖାଣ୍ଡେ ଯୋଗଦେଇଥିଲେ । କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଇକ୍ୟୁଏସି ସେଲର ନିର୍ଦ୍ଦେଶକ ପ୍ରତାପ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗବେଷଣାର ଗୁଣାତ୍ମକ ବିକାଶ ଓ ପ୍ରସାର ପାଇଁ ସ୍କୋପସର ଆବଶ୍ୟକତା ଓ ଉପକାରିତା ଉପରେ ମୁଖ୍ୟଅତିଥି ଖାଣ୍ଡେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟକୁ ଏନଆଇଆରଏଫ ର୍ୟାଙ୍କିଙ୍ଗ ତଥା ନାକ୍ ସ୍ୱୀକୃତି ପାଇଁ ସ୍କୋପସ ଡାଟାବେସର ଭୂମିକା ସମ୍ପର୍କରେ ଖାଣ୍ଡେ ବୁଝାଇଥିଲେ । ଏହି ଡାଟାବେସ ମାଧ୍ୟମରେ ଅଧ୍ୟାପିକା ଅଧ୍ୟାପକ ମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ସମ୍ପର୍କିତ ସୂଚନା ପାଇପାରିବା ନେଇ ସେ କହିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଗବେଷିକା ଗବେଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।




ୟୁଜର୍ସ ଫି ଫଳକକୁ ରୋଗୀଙ୍କ ସମ୍ପର୍କୀୟମାନେ ପଢୁଛନ୍ତି ।

## ବଡ଼ ମେଡିକାଲ: ୟୁଜର୍ସ ଫି ଫଳକ ହଟୁନି

**ବ୍ରହ୍ମପୁର ଅଫିସ୍,୧୬।୧୧:** ବ୍ରହ୍ମପୁର ବଡମେଡିକାଲ ଆରଡିସି (ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର)ରୁ ୟୁଜର୍ସ ଫି ଫଳକ କମାଯାଇନି। ଯଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟ ଫଳକକୁ ଦେଖି ଦ୍ୱନ୍ଦ୍ୱରେ ପଡୁଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ନିଦାନ ଏବଂ ନିରାମୟ ଯୋଜନାର ଶୁଭାରମ୍ଭ କରିବା ପରେ ରୋଗୀଙ୍କୁ ସମସ୍ତ ପ୍ରକାର ଔଷଧ ଏବଂ ଡାଇଗ୍ନୋଷ୍ଟିକ୍ ପରୀକ୍ଷାନିରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି । ତେବେ ବଡ ମେଡିକାଲରେ ୟୁଜର୍ସ ଫି ଫଳକଟିକୁ କର୍ତ୍ତୃପକ୍ଷ ହଟାଇ ନ ଥିବାରୁ ସମସ୍ୟା ଉପୁଜିଛି । ସେହିପରି ଓପିଡିରୁ ଟିକଟ୍ କାଟି ଆରଡିସି ମଧ୍ୟକୁ ରୋଗୀଙ୍କୁ ନେଇ ସମ୍ପର୍କୀୟମାନେ ଆସୁଥିବା ବେଳେ ୟୁଜର୍ସ ଫି ଫଳକକୁ ଦେଖି ଆଚମ୍ବିତ ହୋଇଯାଉଛନ୍ତି । ପରେ କର୍ତ୍ତୃପକ୍ଷଙ୍କ ଠାରୁ ବୁଝି ମାଗଣାରେ ନିଜର ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା କରୁଥିବା ଅଭିଯୋଗ ହୋଇଛି । ଏ ନେଇ ବଡମେଡିକାଲ କାଜୁଆଲିଟୁ ମ୍ୟାନେଜର୍ ସରୋଜ ସାମଲଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ଡାଇଗ୍ନୋଷ୍ଟିକ୍ ପରୀକ୍ଷା ନିରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି । ପୂର୍ବରୁ ରହିଥିବା ଟିକଟ କାଉଣ୍ଟରଟି ସ୍ଥାନାନ୍ତର ହୋଇଛି। ଉକ୍ତ ଫଳକଟିକୁ ଖୁବ୍ ଶୀଘ୍ର ହଟାଇ ଦିଆଯିବ ।

# ଶ୍ରୀକୃଷ୍ଣ ଗୋଶାଳାରେ ଗୋଷ୍ଠାଷ୍ଟମୀ

**ବ୍ରହ୍ମପୁର ଅଫିସ,୧୬।୧୧:** ବ୍ରହ୍ମପୁର ଆଗାସାହିସ୍ଥିତ ଶ୍ରୀକୃଷ୍ଣ ଗୋଶାଳାରେ ଗୋଷ୍ଠାଷ୍ଟମୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଗୋଶାଳାର ସଭାପତି ବଜରଙ୍ଗ ଲାଲ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ରୀତି ଅନୁସାରେ ଗୋପୂଜନ କରାଯାଇଥିଲା । ଗୋଶାଳାରେ ଥିବା ୨୭୦ ଗାଈ ଓ ବାଛୁରୀଙ୍କୁ ପୂଜା କରାଯିବା ସହ ଖାଦ୍ୟ ଦିଆଯାଇଥିଲା । ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଗୋମାତାଙ୍କୁ ବନ୍ଦାପନା କରିବା ସହ ଗୋଖାଦ୍ୟ, ଘାସ, ଗୁଡ ଆଦି ଦେଇଥିଲେ । ଅପରାହ୍ନରେ ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ରବି ରଥ, ଅନୁଷ୍ଠାନର ସମ୍ପାଦକ ଏ. ଶିବ ନାରାୟଣ, ଉପସଭାପତି ରାଜକୁମାର ମୁରାର୍କା, ପରିଚାଳକ ନିମାଇଁ ଚରଣ ପଣ୍ଡା, ଲେଖକ କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ । ଗାଇ ସଂରକ୍ଷଣ, ବୃଦ୍ଧ ଗୋରୁଙ୍କ ପାଳନ ଓ ସୁରକ୍ଷା ପାଇଁ ଏହି ୧୦୦ ବର୍ଷ ପୁରାତନ ଗୋଶାଳା କିପରି କାର୍ଯ୍ୟ କରିଆସୁଛି ଅନୁଷ୍ଠାନର ସଭାପତି ତାହା କହିଥିଲେ। ସନ୍ଧ୍ୟାରେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡାଙ୍କ ଦ୍ୱାରା ଅଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଏହି ଉତ୍ସବ ରବିବାର ଉଦଯାପିତ ହେବ। ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଗୋଶାଳାର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।



ଶ୍ରଦ୍ଧାଳୁମାନେ ଗୋପୂଜନ କରୁଛନ୍ତି ।

■ ମହାନଗର ପୁସ୍ତକମେଳା ଉଦ୍‌ଘାଟିତ

# ଡିଜିଟାଲ ଯୁଗରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର ଅଫିସ,୧୬।୧୧

ପୁସ୍ତକ ହେଉଛି ମଣିଷର ପ୍ରକୃତ ବନ୍ଧୁ । ଯାହା ମନୁଷ୍ୟକୁ ସତମାର୍ଗ ଦେଖାଏ । ଆଜିର ଏହି ଡିଜିଟାଲ ଯୁଗରେ ମଧ୍ୟ ସମାଜକୁ ଦିଗଦର୍ଶନ ଦେଖାଇବାରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ଆୟୋଜିତ ମହାନଗର ପୁସ୍ତକମେଳା ଉଦଘାଟନ କରି କମିଟିର ଉପଦେଷ୍ଟା ତଥା ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ଏହା କହିଛନ୍ତି । ଓଡିଆ, ସାହିତ୍ୟ, ସଂସ୍କୃତି ପୁନର୍ଜୀବିତ କରିବାରେ ପୁସ୍ତକମେଳା ଏକ ପ୍ରମୁଖ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ । ବ୍ରହ୍ମପୁର ରାମଲିଙ୍ଗମ ଟେମ୍ପୁଲ ରୋଡସ୍ଥିତ ଏସଏସଭିଟି ଗ୍ରାଉଣ୍ଡ ପରିସରରେ ଆୟୋଜିତ ଏହି ମେଳାର ଉଦଘାଟନୀ ଉତ୍ସବରେ ପୂର୍ବତନ ପ୍ରଶାସନିକ ଅଧିକାରୀ ରଜନୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିମାନେ ପୁସ୍ତକମେଳାକୁ ଉଦଘାଟନ କରୁଛନ୍ତି ।

କମିଟିର ସଭାପତି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କବି ତଥା ଦୂରଦର୍ଶନର ଉଦଘୋଷକ ମଳୟ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ଅଜିତ କୁମାର ସାବତ ସମ୍ପାଦକୀୟ ପାଠ କରିଥିବା ବେଳେ ଉପସଭାପତି ବି. ସତ୍ୟମ ଆଚରୀ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପୂର୍ବରୁ କନିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିବା ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସାଙ୍ଗଠନିକ ସମ୍ପାଦକ ବାଲ୍ମିକୀ ମହାପାତ୍ରଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ସଂକ୍ଷେପରେ

### ମହାସିଙ୍ଗି ପଞ୍ଚାୟତରେ ତାଲା



କ.ନୂଆଗାଁ,୧୬।୧୧((ଡି.ଏନ୍.ଏ.): କ.ନୂଆଗାଁ ବ୍ଲକର ମହାସିଙ୍ଗି ପଞ୍ଚାୟତ ଅଫିସରେ ଶୁକ୍ରବାର ୯ଜଣ ୱାର୍ଡମେମ୍ବର ତାଲା ପକାଇଛନ୍ତି। ମହାସିଙ୍ଗି ସରପଞ୍ଚ ନିଳୀମା ମଲିକ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମନୋମୁଖି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ନାଏବ ସରପଞ୍ଚ ପଜିତା ପାତ୍ର ଓ ୱାର୍ଡ ମେମ୍ବର ପରମାନନ୍ଦ ବେହେର ଦଳାଇଙ୍କ ନେତୃତ୍ୱରେ କାର୍ଯ୍ୟାଳୟରେ ତାଲା ପକାଯାଇଛି। ୨ ମାସ ଧରି ମାସକୁ ୨ଥର ହେବାକୁ ଥିବା ବୈଠକରେ ସରପଞ୍ଚ ଅନୁପସ୍ଥିତ ରହୁଛନ୍ତି। ଫଳରେ ପଞ୍ଚାୟତ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି, ଆମେ ଲୋକମାନଙ୍କର ଆକ୍ରୋଶ ଶିକାର ହେଉଛୁ ବୋଲି ୱାର୍ଡମେମ୍ବର ପ୍ରଦ୍ୟୁମ୍ନ ପାତ୍ର ଓ ରୁନୁ ଦଳ ବେହେରା କହିଛନ୍ତି।

### ସ୍ୱଚ୍ଛ ଭାରତ ଅଭିଯାନ ବୈଠକ

**ଶଙ୍କରାଖୋଲ,୧୬।୧୧(ଡି.ଏନ୍.ଏ.):** ଚକାପାଦ ବ୍ଲକ ବ୍ରାହ୍ମଣ ପାଦ ପଞ୍ଚାୟତର ହାତିବାଡ଼ି ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବ୍ରାହ୍ମଣପାଦ ସରପଞ୍ଚ ଚମ୍ପସିନୀ ମଲିକ ଯୋଗ ଦେଇଥିବା ବେଳେ ହାତୀବାଡ଼ି ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ ଗ୍ରାମର ସମସ୍ତ ବାସୀନ୍ଦାମାନେ ଶୌଚାଳୟ ବ୍ୟବହାର କରିବେ, ବିଦ୍ୟାଳୟ, ଅଙ୍ଗନୱାଡ଼ି, ନଳକୂପ, କୂପ ପୋଖରୀର ଚତୁପାର୍ଶ୍ୱରେ ସଫାସୁତରା ରଖିବା, ଆବର୍ଜନା କୁଣ୍ଡରେ ପକାଇବା, ଗ୍ରାମରେ କୌଣସି ବ୍ୟକ୍ତି ବାହାରେ ମଳତ୍ୟାଗ କଲେ ଜରିମାନ ଦେବାକୁ ପଡ଼ିବ, ଯେଉଁମାନଙ୍କର ଶୌଚାଳୟ ନିର୍ମାଣ ସରିନି ତରୁନ୍ତ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

### ଫେରାର୍ ଗାଡ଼ି ଚାଳକ ଗିରଫ

ଦିଗପହଣ୍ଡି,୧୬।୧୧(ଡି.ଏନ.ଏ.)-ଦିଗପହଣ୍ଡି ପୋଲିସ ଶୁକ୍ରବାର ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଚନ୍ଦ୍ରପ୍ରଭା ସାହିର ଗାଡ଼ି ଚାଳକ ବୁଧିଆ ଦାସଙ୍କୁ ଗିରଫ କରିଛି। ଅକ୍ଟୋବର ୧୨ ତାରିଖ ରାତିରେ ବୁଧିଆ ପିକଅପ୍ ଭ୍ୟାନ ନେଇ ଆସୁଥିବା ବେଳେ ଦିଗପହଣ୍ଡି ୟାମାହା ସୋରୁମ ସମ୍ମୁଖ ରାସ୍ତାରେ ବାଇକରେ ଘରକୁ ଫେରୁଥିବା ପାଟପୁର ଥାନା ଶ୍ରୀଚନ୍ଦନପୁର ଗ୍ରାମର ଜଗନ୍ନାଥ ତ୍ରିପାଠୀଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ପିକଅପ୍ ଚାଳକ ବୁଧିଆ ଫେରାର୍ ହୋଇଯାଇଥିଲେ। ଏ ନେଇ ଥାନାରେ ମାମଲା ନଂ.୧୭୭/୧୮ ରୁଜୁ କରାଯାଇଥିଲା। ଫେରାର ଅଭିଯୁକ୍ତ ବୁଧିଆଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଲାଞ୍ଚ ନେଇ ଧରାପଡ଼ିଲେ ଫରେଷ୍ଟର

■ମାମଲା ରୁଜୁ ନ କରିବାକୁ ନେଇଥିଲେ ଟଙ୍କା
■ସରକାରୀ କ୍ୱାର୍ଟରରେ ଚଢ଼ାଉ

ବ୍ରହ୍ମପୁର ଅଫିସ୍,୧୬।୧୧

ଖଲ୍ଲିକୋଟ ରେଞ୍ଜ୍ଅଧିନସ୍ଥ ପୁରୁଷୋତ୍ତମପୁର ବିଟ୍ ହାଉସ୍‌ର ଫରେଷ୍ଟର ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଫରେଷ୍ଟର ଶିବ ବେହେରା ଜଣେ କାଠ ବେପାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ପକ୍ଷରୁ କାବୁ କରାଯାଇଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ପୁରୁଷୋତ୍ତମପୁର ନିକଟସ୍ଥ ଅରଖପୁର ଗ୍ରାମର ପ୍ରଭାକର ମହାରଣା କାଠ କାମ କରନ୍ତି। ଫରେଷ୍ଟର ଜଣକ ତାଙ୍କୁ ବିଭିନ୍ନ ସମୟରେ ଅର୍ଥ ଦାବି କରୁଥିଲେ। ନ ଦେଲେ ବନବିଭାଗ ସଂକ୍ରାନ୍ତିୟ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିବେ ବୋଲି ଭୟ ଦେଖାଉଥିଲେ। ଏ ନେଇ ପ୍ରଭାକର ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ ଅଫିସ୍‌ରେ ଜଣାଇଥିଲେ। ଭିଜିଲାନ୍ସ ପକ୍ଷରୁ ନଂ.୪୯/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ପୂର୍ବ ଯୋଜନା ମୁତାବକ ଶୁକ୍ରବାର ଅପରାହ୍ନରେ ପ୍ରଭାକର ପୁରୁଷୋତ୍ତମ ବିଟ୍ ହାଉସ୍ ନିକଟସ୍ଥ ଫରେଷ୍ଟ ଗେଟ୍‌କୁ ଯାଇଥିଲେ। ସେଠାରେ ଫରେଷ୍ଟର ବେହେରାଙ୍କ ସହ କଥା ହେବା ପରେ କୌଣସି ମାମଲା ନ ରୁଜୁ କରିବା ପାଇଁ କେମିକାଲ୍ ବୋଳା ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଫରେଷ୍ଟର ବେହେରା ଉକ୍ତ ଟଙ୍କା ନେଇ ପାଖରେ ରଖିଥିଲେ। ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ କର୍ମଚାରୀ ମାନେ ତାଙ୍କୁ କାବୁ କରିଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ପରେ ଭିଜିଲାନ୍ସ ପକ୍ଷରୁ ଫରେଷ୍ଟରଙ୍କ ବ୍ରହ୍ମପୁର ନୀଳାଞ୍ଚଳ ନଗର ଚତୁର୍ଥ ଲେନ୍ ଏବଂ ପୁରୁଷୋତ୍ତମପୁର ସ୍ଥିତ ସରକାରୀ କ୍ୱାର୍ଟରରେ ଚଢାଉ କରାଯାଇ ଅଧିକା ତଥ୍ୟ ସଂଗ୍ରହ କରାଯାଉଛି।



ଗିରଫ ଫରେଷ୍ଟର ଶିବ ବେହେରା।

# ପଲିଟେକ୍‌ନିକ ଫେଷ୍ଟ ଉଦ୍‌ଘାଟିତ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର ଅଫିସ, ୧୬।୧୧

ରାଜ୍ୟ ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକ୍ନିକାଲ ଏଜୁକେଶନ ବିଭାଗ ଆନୁକୁଲ୍ୟରେ ଜୋନାଲ ସ୍ତରୀୟ ପଲିଟେକନିକ ଫେଷ୍ଟ-୨୦୧୮-୧୯ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଆଙ୍କୁଶପୁରସ୍ଥିତ ଏସଏମଆଇଟି ସହଯୋଗରେ ଏହି ପ୍ରତିଯୋଗିତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉମାଚରଣ ପଟ୍ଟନାୟକ(ୟୁସିପି) ଇଞ୍ଜିନିୟରିଂ ସ୍କୁଲ ପରିସରରେ ଏହି ପ୍ରତିଯୋଗିତାକୁ ୟୁସିପି ସ୍କୁଲ ଅଧ୍ୟକ୍ଷ ଇଂ. ସୂର୍ଯ୍ୟନାରାୟଣ ଧଳ ଉଦଘାଟନ କରିଛନ୍ତି। ଏଥିରେ ବ୍ରହ୍ମପୁର ଜୋନରେ ଥିବା ୧୯ ସରକାରୀ ଓ ଘରୋଇ ପଲିଟେକନିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ଦିନ ୟୁସିପି ସ୍କୁଲ ଖେଳପଡିଆ ପରିସରରେ ଦୌଡକୁଦ ପ୍ରତିଯୋଗିତା ହୋଇଥିଲା। ସେହିପରି ଆଙ୍କୁଶପୁର ଏସଏମଆଇଟିରେ ହୋଇଥିବା ପ୍ରତିଯୋଗିତାକୁ ଅନୁଷ୍ଠାନର ସଭାପତି ଡ. ଭଗବାନ ଗନ୍ତାୟତ ଉଦଘାଟନ କରିଥିଲେ। ଏଠାରେ କ୍ରିକେଟ, ଫୁଟବଲ, ଭଲିବଲ, ବାସ୍କେଟବଲ, ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଇଂ ସୁଧାଂଶୁ ମୋହନ ପାଢୀ, ଅଧ୍ୟାପକ ଡ. ମନୋଜ କୁମାର ମୁନି, ଇଂ. ଅନୀଲ କୁମାର ଚୌଧୁରୀ, ଇଂ ସାନ୍ତନୁ ପାତ୍ର, ଇଂ ସମରେନ୍ଦ୍ର ଚୌଧୁରୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଅଟୋ ସଂଘ ତରଫରୁ ବିର୍ସାମୁଣ୍ଡା ଜୟନ୍ତୀ

ରାଇକିଆ,୧୬।୧୧(ଡ଼ି.ଏନ.ଏ)

କନ୍ଧମାଳ ଜିଲା ରାଇକିଆ ସ୍ଥିତ ବିର୍ସାମୁଣ୍ଡା ଅଟୋ ମାଲିକ ସଂଘ ତରଫରୁ ଗୁରବାର ଶହୀଦ ବିର୍ସାମୁଣ୍ଡାଙ୍କ ଜନ୍ମ ବାର୍ଷିକୀ ପାଳନ କରାଯାଇଛି। ଅଲିମାହା ଠାରେ ଥିବା କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଭାପତି ସଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶାଗର ଦିଗାଳ ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ କହିଥିଲେ। ଏଥି ସହ ସଂଘର ଆଭିମୁଖ୍ୟ ଉପରେ ସମସ୍ତ ସଦସ୍ୟଙ୍କୁ ଜଣାଇଥିଲେ। ଚଳିତ ବର୍ଷ ସଂଘ ତରଫରୁ ହାତକୁ ନିଆ ଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ଅଟୋ ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅରୁଣ ପ୍ରଧାନ, ଅକ୍ଷୟ ପ୍ରଧାନ, ସୁଧାଂଶୁ ନାୟକ, ଅବରାଜ ପ୍ରଧାନ, ପଙ୍କଜ ପ୍ରଧାନ, ସାମନ୍ତ ଦିଗାଳଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉପଦେଷ୍ଟା ପ୍ରଭାତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ମନୋଜ



@ ଶ୍ରୀହରି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ମାର୍ଟକ୍ଲାସ ଉଦ୍‌ଘାଟନ

ଜି.ଉଦୟଗିରି,୧୬।୧୧(ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ ହବାକ୍ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ କଳିଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ ପରିଡ଼ା ଉଦ୍‌ଘାଟନ କରିଥିଲେ। ମେଳାରେ ବ୍ଲକର ୪୦ଟି ବିଦ୍ୟାଳୟର ୯୩ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବାଲିଗୁଡ଼ା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଦାମ ସ୍ୱାଇଁ ଓ ବପଲେମେଣ୍ଡି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁମିତ କୁମାର ତ୍ରିପାଠୀ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ୬ଟି ପ୍ରକଳ୍ପ ମନୋନିତ ହୋଇଛି। ମୁଖ୍ୟଅତିଥି ପରିଡ଼ା ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ପୁରାତନ ଛାତ୍ର ବିଧାନ ଚନ୍ଦ୍ର ରାୟ, ଗଦାଧର ପାଣିଗ୍ରାହୀ ଓ ସୁନିଲ କୁମାର ପାତ୍ରଙ୍କ ସହଯୋଗରେ ପ୍ରତିଷ୍ଠା କରାଯାଇଥିବା ସ୍ମାର୍ଟ କ୍ଲାସକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଅନ୍ତର୍ଯ୍ୟାମୀ ପ୍ରଧାନ ମୁଖ୍ୟଅତିଥି ଓ ଅଶୋକ କୁମାର ପାତ୍ର, ଲକ୍ଷ୍ମୀକାନ୍ତ ମିଶ୍ର ଓ ମିହିର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ବିଜ୍ଞାନ ମେଳାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।



ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥି।

■ଗଞ୍ଜେଇ ଚୋରା ଚାଲାଣ ମାମଲା

# ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲ

ଫୁଲବାଣୀ ଅଫିସ, ୧୬।୧୧

ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ଶୁକ୍ରବାର ଜିଲା ଦୌରାଜଜ୍ ଗୌତମ ଶର୍ମା ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି। ପ୍ରତ୍ୟେକଙ୍କୁ ୧ ଲକ୍ଷ ଲେଖାଏ ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୨ ବର୍ଷ ଲେଖାଏ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ଫିରଙ୍ଗିଆ ଥାନା ପେଡିଆଗୁଡାର କପିଳାସ ମଲ୍ଲିକ ଓ ସନି ମଲ୍ଲିକ, ପେନାଗିରିର ବୈଲୋଚନ ବେହେରା। ମିଳିଥିବା ସୂଚନା ଅନୁସାରେ ୨୦୧୬ ସେପ୍ଟେମ୍ବର ୧୬ରେ ସମ୍ପୃକ୍ତ ଯୁବକମାନେ ଏକ ଅଟୋରେ ଗଞ୍ଜେଇ ନେଇ ଫୁଲବାଣୀ ଆଡକୁ ଆସୁଥିଲେ। ସଦର ଥାନା ପୋଲିସ ଟଣ୍ଟିକଟା ଛକରେ ଅଟକାଇ ଯାଞ୍ଚବେଳେ ୫୩ କେଜି ଗଞ୍ଜେଇ ମିଳିଥିଲା। ନଂ.୧୦୮/୧୬ରେ ମାମଲା ରୁଜୁ କରି ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏସ୍‌ପିପି ସୌମେନ୍ଦ୍ର କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ଜୋନାଲ୍ ବନ ବିଭାଗ କ୍ରୀଡ଼ା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୬।୧୧

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ୨ ଦିନିଆ ଜୋନାଲ୍ ବନବିଭାଗ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସୁରେଶ ପନ୍ଥ ମୁଖ୍ୟଅତିଥି, ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଏନ୍.ବିଶ୍ୱନାଥ ଏବଂ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ରହ୍ମପୁର ଏବଂ ଭୁବନେଶ୍ୱର ଆର୍‌ସିସିଏଫ୍ ଅଧିନସ୍ଥ ବନଖଣ୍ଡଗୁଡ଼ିକର କର୍ମଚାରୀମାନେ ଏହି ପ୍ରତିଯୋଗିତାରୋ ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ଜାଭଲିନ୍ ଥ୍ରୋ, ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସନ୍ତରଣ, ଟ୍ରିପଲ୍ ଜମ୍ପ,ଚେସ୍, କବାଡ଼ି, ଡିସ୍‌କସ୍ ଥ୍ରୋ ଏବଂ ସଟ୍‌ପୁଟ୍ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ସକାଳେ ବ୍ରହ୍ମପୁର ଠାରୁ ଦିଗପହଣ୍ଡି ଏବଂ ସେଠାରୁ ପୁଣି ବ୍ରହ୍ମପୁର ପର୍ଯ୍ୟନ୍ତ ୪୨କିମି ସାଇକେଲ୍ ଚାଳନା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ବହୁ ବନ କର୍ମଚାରୀ ସାଇକେଲ୍ ଚଳାନା ପ୍ରତିଯୋଗିତାରେ ଭାଗନେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱ ବଢ଼ୁଛି

ବ୍ରହ୍ମପୁର ଅଫିସ, ୧୬।୧୧

ଗଣମାଧ୍ୟମ ବର୍ତ୍ତମାନ ସମୟରେ ପ୍ରତ୍ୟେକଙ୍କ ପାଇଁ ଏକ ଆବଶ୍ୟକତାରେ ପରିଣତ ହୋଇଛି। ପ୍ରତ୍ୟେକ ନାଗରିକଙ୍କ ପାଇଁ ଏହା ବଞ୍ଚିବାର ଏକମାତ୍ର ମାଧ୍ୟମ ପାଲଟିଛି। ସୁସ୍ଥ ସମାଜ ଗଠନରେ ଏହାର ଭୂମିକା ଓ ଗୁରୁତ୍ୱ ବୃଦ୍ଧି ପାଉଛି। ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଯୋଗଦେଇ ବକ୍ତାମାନେ ଏପରି କହିଛନ୍ତି। ଜିଲାପ୍ରଶାସନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ 'ଆଜିର ବିଶ୍ୱ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଭୀତିପ୍ରଦ ଏବଂ ଏହାର ପ୍ରତିକାର୍ଯ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ(ଏଡିଏମ) କବୀନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଦିଗନ୍ତ ରାଉତରାୟ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ରବି ରଥ ମଞ୍ଚାସୀନ ଥିଲେ। ଜିଲା ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ପ୍ରଧାନ ପରିଚାଳନା କରିଥିଲେ। ସମୟର ପରିବର୍ତ୍ତନ ସାଙ୍ଗକୁ ପରିବର୍ତ୍ତିତ ହେଉଥିବା ଗଣମାଧ୍ୟମର ପରିଭାଷା ଉପରେ ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ। ପୂର୍ବ ସାମ୍ବାଦିକତା ଶୈଳୀକୁ ଫେରାଇ ଆଣିବା ଦିଗରେ ଗଣମାଧ୍ୟମ ପ୍ରତିନିଧିମାନେ ଚେଷ୍ଟିତ ହେବାକୁ ଏଡିଏମ ସାହୁ କହିଥଲେ। ନିରପେକ୍ଷ, ନିର୍ଭିକତାର ସହ ସମାଜ ପ୍ରତି ରହିଥିବା ଭୂମିକାକୁ ନିଭେଇବାକୁ ଉପଜିଲାପାଳ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗର ଲୋକନାଥ ଶତପଥୀ ଓ ଅନ୍ୟକର୍ମକର୍ତ୍ତା ସହଯୋଗ କରିଥିଲେ।




ମଞ୍ଚାସୀନ ଉପଜିଲାପାଳ, ଏଡିଏମ ଓ ଅନ୍ୟମାନେ ।

### ଜାତୀୟ ପ୍ରେସ ଦିବସ ପାଳିତ

## ସଂକ୍ଷେପରେ

### ଇତିହାସ ବିଭାଗର ପାଠଚକ୍ର



ଭଞ୍ଜନଗର,୧୬।୧୧(ଡି.ଏନ.ଏ.): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଶୁକ୍ରବାର ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଏଥିରେ ସଭାପତିତ୍ୱ କରିଥିଲେ। ଫରାସୀ ରାଷ୍ଟ୍ର ବିପ୍ଳବର ଦାର୍ଶନିକ ତତ୍ୱ ଏବଂ ଅର୍ଥନିତୀ କାରଣ ଯୋଗୁ ବିପ୍ଳବ ସଙ୍ଗଠିତ ଉପରେ ଲିଖିତ ସନ୍ଦର୍ଭଟିକୁ ଛାତ୍ର ଏସ୍.ଶୁଭ ପ୍ରସାଦ ପାତ୍ର ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧାପକ ଡ.ଆର.କେ.ମିଶ୍ର ସହଯୋଗ କରିଥିଲେ। ପାଠଚକ୍ରରେ ଭଞ୍ଜନଗର କଲେଜ ସମେତ ବିଡିପୁର, ବେଲଗୁଣ୍ଠା,ଗାଲେରୀ ଓ ଜଗନ୍ନାଥପ୍ରସାଦ କଲେଜର ଛାତ୍ରୀଛାତ୍ର ମାନେ ଭାଗ ନେଇଥିଲେ। ବିଡିପୁର କଲେଜ ଅଧକ୍ଷ ଡ. ଏସ୍ ପି ମିଶ୍ର, ଅଧାପକ ଡ. ପ୍ରଭାକର ମହାପାତ୍ର, ନୃସିଂହ ଚରଣ ସୁଆର, ଦାମୋଦର ଷଡ଼ଙ୍ଗୀ, ଡ.ରବୀନ୍ଦ୍ର ନାଥ ପାଲ, ଡ. ସୁବାସ ଚନ୍ଦ୍ର ପ୍ରଧାନ, ଅମିୟ ପଣ୍ଡା, ଅଧାପିକା ଡ.ସ୍ୱପ୍ନାରାଣୀ ସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ପ୍ରାଧାପକ ଏସ୍.କେ.ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ଅଶୋକ ସ୍ୱାଇଁ, ଦୁର୍ଗା ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧାପିକା ଜୋସ୍ନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା



ଛତ୍ରପୁର,୧୬।୧୧(ଡି.ଏନ.ଏ): ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ଛତ୍ରପୁର ବିଦ୍ୟୁତ କାର୍ଯ୍ୟାଳୟରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ ନରେନ୍ଦ୍ର କୁମାର ସାମଲ, ଲକ୍ଷ୍ମଣ ଦାଶ, ଦଣ୍ଡପାଣି ଦାଶ, ଗୋକୁଳ ଚନ୍ଦ୍ର ବେହେରାଙ୍କୁ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସଭାରେ ନିର୍ବାହୀ ଯନ୍ତ୍ରୀ ପ୍ରଭାତ କର, ଏସଡିଓ ମନୋଜ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ-୧ ରଶ୍ମି ରଞ୍ଜନ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ-୨- ହିମାଂଶୁ ଭୂଷଣ ଜାଲି ଅତିଥି ଭାବେ ଯୋଗଦେଇଥିଲେ । ସଂଘରୁ ସୂର୍ଯ୍ୟ ନାରାୟଣ ବିଷୋୟୀ, ଅଖିଳ ସ୍ୱାଇଁ, ସୁଦର୍ଶନ ସାହୁ, ମହେନ୍ଦ୍ର କୁମାର ମୁଦୁଲି, ଅମର କୁମାର ନାୟକ, ପ୍ରଫୁଲ୍ଲ ବେହେରା, ସେମାନାଥ ମଲ୍ଲ, ମାନସ ରଞ୍ଜନ ମହାରଣା, ଜ୍ୟୋତି ରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଦାରିଙ୍ଗବାଡିରେ ଜାତୀୟ ପ୍ରେସ ଦିବସ

ଦାରିଙ୍ଗବାଡି,୧୬।୧୧ (ଡି.ଏନ.ଏ): ଦାରିଙ୍ଗବାଡି ବ୍ଲକ ଜାଗୃତି ସଭାଗୃହଠାରେ ଶୁକ୍ରବାର ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ଏହି ଅବସରରେ ଦାରିଙ୍ଗବାଡି ଖବରଦାତା ମାନଙ୍କ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଛି। ପ୍ରେମ ଚାନ୍ଦ ସିଂଙ୍କ ସଭାପତିତ୍ୱ ବୈଠକରେ ମୁଖ୍ୟ ଅତିଥି ଭାବେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଓକିଲ ଉମେଶ କର ଏବଂ ସମ୍ମାନୀତ ଅତିଥି ଭାବେ ସାମାଜିକକର୍ମୀ ଚକ୍ରଧର ମଲ୍ଲି ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଦାରିଙ୍ଗବାଡି ବଣିକ ସଂଘର ସଭାପତି ଅରୁଣ କୁମାର ସାହୁ, ବ୍ୟବସାୟୀ ରମେଶ ଚନ୍ଦ୍ର ସାହୁ, ଶିକ୍ଷକ କଲ୍ୟାଣ ସଂଘର ସଭାପତି ଯାମିନୀକାନ୍ତ ପତ୍ରା, ସମ୍ପାଦକ ବିଦେଶୀ ନାୟକ, ବିଏଡ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ବ୍ଲକ ଉପାଧକ୍ଷ ରମାକାନ୍ତ ବଳିଆର ସିଂ, ୧୦ ନଂ ଜୋନ କଂଗ୍ରେସ ସଭାପତି କାଳୀପ୍ରାସାଦ ମଲ୍ଲିକ, ଭାଜପା ମଣ୍ଡଳ ସଭାପତି ଅରୁଣ କୁମାର ପ୍ରଧାନ, ପ୍ରଭାକର ସାହୁ, ମୋହନ ସୁବୁଦ୍ଧି, ସାଉଥକୋ ୟୁଟିଲିଟିର କର୍ମଚାରୀ ଦିଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅରୁଣ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ସହ ଜାତୀୟ ଦିବସ ପାଳନର ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ଖବର ସଂଗ୍ରହ ବେଳେ ମାଓବାଦୀଙ୍କ ଗୁଳିରେ ମୃତ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

■ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

# ନିର୍ବାଚନ ପୂର୍ବରୁ ଅନୁଦାନ ଖର୍ଚ୍ଚ କର:ଜିଲ୍ଲାପାଳ

ଛତ୍ରପୁର,୧୬।୧୧(ଡି.ଏନ.ଏ)





ବୈଠକରେ ଉପସ୍ଥିତ ବିଡିଓ, ତହସିଲଦାର, ଥାନା ଅଧିକାରୀମାନେ।

୨୦୧୯ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ଠାରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ । ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଜିଲାପାଳ ବିଜୟ ଦାଶ ଓ କବୀନ୍ଦ୍ର କୁମାର ସାହୁ, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ଓ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଆରଟିଓ ସଞ୍ଜୟ ବିଶ୍ୱାଳଙ୍କ ସମେତ ଏସଡିପିଓ, ବିଡିଓ ଓ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ଯୋଜନାରେ ଆସିଥିବା ଅନୁଦାନ ଅର୍ଥ ସାଧାରଣ ନିର୍ବାଚନ ପୂର୍ବରୁ ଖର୍ଚ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତପ୍ତପାଣି ଆଶ୍ରମ ସ୍କୁଲ କୋଠା ପାଇଁ ୨ ବର୍ଷ ହେଲା ଅନୁଦାନ ଆସିଥିଲେ ମଧ୍ୟ ଖର୍ଚ୍ଚ ହୋଇପାରୁନି । ଏହାକୁ ମନିଟରିଂ କରି ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଇଭିଏମର ଭିଭିପାଟ୍ ଆସିଛି, ତାହାର ଯାଞ୍ଚ ଚାଲିଛି। ନିର୍ବାଚନ ସମୟରେ ଏବଂ ପୂର୍ବରୁ ସୁରକ୍ଷା ଯୋଗାଇବା ବଡ଼ ଚ୍ୟାଲେଞ୍ଜ । ଲୋକେ କେମିତି ସୁରୁଖୁରୁରେ ଭୋଟ ଦେଇପାରିବେ ତାର ବ୍ୟବସ୍ଥା କରିବାକୁ କୁହାଯାଇଛି । କୌଣସି ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ତାର ସମାଧାନ କର । ଯଦି ଅସୁବିଧା ହୁଏ ଜଣାଅ ବୋଲି ଜିଲାପାଳ ଓ ଏସପି କହିଛନ୍ତି । ପୁରୁଣା ଅପରାଧୀ ଓ ଅସାମାଜିକଙ୍କ ଉପରେ ନଜର ରଖିବା ଏବଂ ଆବଶ୍ୟକସ୍ଥଳେ ଏମାନଙ୍କୁ ୧୦୭ ଓ ୧୧୦ ଧାରାରେ ନୋଟିସ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ବେଆଇନ ମଦ କାରବାର ରୋକିବାକୁ କୁହାଯାଇଛି। ପୋଲିସ ଓ ମାଜିଷ୍ଟ୍ରେଟ୍ ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କରିବାକୁ ଜିଲାପାଳ କହିଥିଲେ ।

■ଲୋକଙ୍କ ସମସ୍ୟା ସମାଧାନ ନିର୍ଦ୍ଦେଶ

■ ଅପରାଧୀ, ଅସାମାଜିକଙ୍କ ଉପରେ ନଜର ରଖ

■ବନ୍ଥପଲ୍ଲୀ ପଞ୍ଚାୟତ ଉପନିର୍ବାଚନ ଘଟଣା

# ନିର୍ବାଚନ ପ୍ରକ୍ରିୟା ଅସିଦ୍ଧ ଦାବିରେ ସୁବାସିନୀଙ୍କ ଧାରଣା

ପୋଲସରା,୧୬।୧୧(ଡି.ଏନ.ଏ.)



ବ୍ଲକ ଆଗରେ ସୁବାସିନୀ ଧାରଣାରେ ବସିଛନ୍ତି।

ପୋଲସରା ବ୍ଲକ ବନ୍ଥପଲ୍ଲୀ ପଞ୍ଚାୟତରେ ସରପଞ୍ଚ ପଦବି ଲାଗି ନାମାଙ୍କନପତ୍ର ଦାଖଲର ଶେଷ ଦିନ ସୋମବାର ଶାସକ ବିଜେଡି ସମର୍ଥିତ ପ୍ରାର୍ଥୀ ଆରତୀ ନାହାକ ପ୍ରାର୍ଥୀପତ୍ର ପକାଇଥିଲେ। ଉକ୍ତ ଦିନ ଦିବ୍ୟାଙ୍ଗ ପ୍ରାର୍ଥୀ ସୁବାସିନୀ ନାହାକ ମଧ୍ୟ ନିଜ ପ୍ରାର୍ଥିପତ୍ର ଦାଖଲ ଲାଗି ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ବେଳେ ବନ୍ଥପଲୀ ଗ୍ରାମବାସୀ ତାଙ୍କୁ ବିରୋଧ କରି କାର୍ଯ୍ୟାଳୟକୁ ଛାଡ଼ିନଥିଲେ। ନାମାଙ୍କନ ସମ୍ପର୍କିତ କାଗଜପତ୍ର ଛଡ଼ାଇ ନେଇ ଚିରାଚିରି କରିବା ସହ ମାରଧର କରିଥିବା ଅଭିଯୋଗ ଥାନାରେ ମାମଲା ରୁଜୁ ହୋଇଥିଲା। ଏଭଳି ବଆଇନ କାର୍ଯ୍ୟକଳାପକୁ ନେଇ ସୁବାସନୀ ଉପନିର୍ବାଚନ ସ୍ଥଗିତ କରିବା ଲାଗି ଗୁରୁବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ନିର୍ବାଚନ ପ୍ରକ୍ରିୟା ଅସିଦ୍ଧ କରିବା ସହିତ ନିର୍ବାଚନ ଫଳାଫଳକୁ ସ୍ଥଗିତ କରିବା ଲାଗି ଶୁକ୍ରବାର ସୁବାସିନୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଉକ୍ତ ସମସ୍ୟା ନେଇ ବିଡିଓ ଶମ୍ଭୁନାଥ ନନ୍ଦିଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। କାରଣ ବିଡିଓ ଛତ୍ରପୁର ଗସ୍ତରେ ଥିବା ନେଇ ସୂଚନା ମିଳିଥିଲା।

# ବନ୍ୟଜନ୍ତୁ ଶିକାର ରୋକିବାକୁ ମିଳିତ ବୈଠକ

ବୁଗୁଡ଼ା,୧୬।୧୧(ଡି.ଏନ.ଏ.)

ବିଦ୍ୟୁତ ତାର ବିଛାଇ ବନ୍ୟଜନ୍ତୁ ଶିକାର କରାଯାଉଛି। ଏହାକୁ ରୋକିବା ନିମନ୍ତେ ବୁଗୁଡ଼ା ବନ ବିଭାଗ ଓ ବିଦ୍ୟୁତ ବିଭାଗର ଏକ ମିଳିତ ବୈଠକ ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ ସଭାପତିତ୍ୱ କରିଥିଲେ। ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ କ'ଣ ସବୁ ପଦକ୍ଷେପ ନେବାକୁ ପଡ଼ିବ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଜଙ୍ଗଲରେ ବିପଦପୂର୍ଣ୍ଣ ଭାବେ ଝୁଲି ରହିଥିବା ବିଦ୍ୟୁତ ତାରକୁ ଉପରକୁ ଉଠାଇବା, ବନ କର୍ମଚାରୀ ଓ ବିଦ୍ୟୁତ କର୍ମଚାରୀଙ୍କ ଦ୍ୱାରା ମିଳିତ ପାଟ୍ରୋଲିଂ କରି ବିଦ୍ୟୁତ ତାର ଯାଞ୍ଚ କରି ସଜାଡ଼ିବା, ଉଭୟ ବିଭାଗରେ ସମନ୍ୱୟ ରକ୍ଷା କରିବା ଏବଂ ଏଥିପାଇଁ ସର୍ଭେ ମ୍ୟାପ ପ୍ରସ୍ତୁତ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ବିଦ୍ୟୁତ ବିଭାଗର ଏସଡିଓ ଗୋପାଳକୃଷ୍ଣ ପ୍ରଧାନ, କନିଷ୍ଠ ଯନ୍ତ୍ରୀ କାଳି ଚରଣ ବେହେରା ଓ ପ୍ରଭାତ କୁମାର ଷଡ଼ଙ୍ଗୀ, ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ସରସ୍ୱତୀ ନାୟକ, ବଳରାମ ପାତ୍ର, ଭୋଳେଶ୍ୱର ମଳିକ, ସୁକାନ୍ତ କମାର ବିଷୋୟୀଙ୍କ ସମେତ ବନ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ତାଲିମ ଶିବିର ଉଦ୍‌ଯାପିତ

ଭଞ୍ଜନଗର,୧୬।୧୧(ଡି.ଏନ.ଏ.)

ସେନା ବାହିନୀରେ ଖାଲିଥିବା ପଦବୀ ପୁରଣ ପାଇଁ ଫର୍ମ ଆବେଦନ ପ୍ରଥମେ ଗତମାସରେ ସରିଥିଲା। ଏହାପରେ ଆବେଦନକାରୀ ମାନେ ଶାରୀରିକ ଓ ମୌଖିକ ପରୀକ୍ଷାର ସମ୍ମୁଖିନ କିଭଳି ହେବେ ସେନେଇ ସ୍ଥାନୀୟ ସିଆରପିଏଫ୍ ୧୨୭ ବାଟାଲିୟନ ପକ୍ଷରୁ ଆବେଦନକାରୀଙ୍କୁ ତାଲିମ ଦିଆଯାଇଥିଲା। ଗତମାସ ୧୦ ତାରିଖରୁ ଚାଲିଥିବା ଏହି ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କମାଣ୍ଡିଙ୍ଗ୍ ଅଫିସର ଜି.କୁମାର ଉଦ୍‌ଯାପନୀ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆବେଦନକାରୀଙ୍କ ସଫଳତା କାମନା କରିଥିଲେ। ଏହି ଅବସରରେ ଆବେଦନକାରୀଙ୍କୁ ଉତ୍ସାହିତ କରିବା ପାଇଁ ସମ୍ମାନିତ କରାଯାଇଥିଲା।

### ରାମଚରିତ ମାନସ ପାରାୟଣ

କନିଷି,୧୬।୧୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡାସ୍ଥିତ ରଘୁନାଥ ମନ୍ଦିରରେ ପଣ୍ଡିତ ତପନ କୁମାର ପଣ୍ଡାଙ୍କ ପୌରହିତ୍ୟରେ ରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ ହୋଇଛି। ବୁଧବାର ଶୁଭଖୁଣ୍ଟି ସ୍ଥାପନ ସହ ଜଳଯାତ୍ରା କରାଯାଇଥିଲା। ଗୁରୁବାର ଭଗବାନ ରଘୁନାଥଙ୍କ ପୂଜାର୍ଚ୍ଚନା ପରେ ପାରାୟଣ ଆରମ୍ଭ ହୋଇଥିଲା। ୩୫ ବର୍ଷ ହେଲା ରଘୁନାଥ ସତସଙ୍ଗ ମଣ୍ଡଳୀ ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ତ୍ତିକ ମାସରେ ପାରାୟଣ କରାଯାଉଛି। ମନ୍ଦିରର ସଭାପତି ଶିବରାମ ପାତ୍ର, ପଣ୍ଡିତ ଆଶିଷ କୁମାର ପାଢୀ, ସୁବାସ ଚନ୍ଦ୍ର ପାତ୍ର, ରାଜୀବ ଲୋଚନ ପାତ୍ର, ଟୁକୁନା ସାବତ, ସୁଶାନ୍ତ ସାବତଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# କଂଗ୍ରେସର ସାଙ୍ଗଠନିକ ସଭା

ଦିଗପହଣ୍ଡି,୧୬।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବିଜୟଲକ୍ଷ୍ମୀ ନାରାୟଣପୁର ପଞ୍ଚାୟତ ବଳରାମପୁର ଶୈବପୀଠରେ ଗୁରୁବାର ବମକେଇ ଜିଲା ପରିଷଦ ଜୋନସ୍ତରୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଂଗ୍ରେସ ଗଞ୍ଜାମ ଜିଲା କମିଟିର କାର୍ଯ୍ୟକାରୀ ସଭାପତି ସାକା ସୁଜିତ, ଉପସଭାପତି ପ୍ରଫୁଲ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଗୋକର୍ଣ୍ଣପୁର ଜୋନ ସଭାପତି ଏସ. ସଦାନନ୍ଦ ଦୋରା, ବମକେଇ ଜୋନ ସଭାପତି ରବୀନ୍ଦ୍ର ପ୍ରଧାନ, ପଦ୍ମନାଭପୁର ଜୋନ ସଭାପତି ରାଧାକାନ୍ତ ଗୌଡ଼ ଓ ବ୍ଲକ ଯୁବ କଂଗ୍ରେସ ଆବାହକ ଦୀପକ କୁମାର ମିଶ୍ରଙ୍କୁ ଦଳୀୟ କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଂଗ୍ରେସ ନେତା ପ୍ରଫୁଲ ସଭାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ଆଗାମୀ ବିଧାନସଭା ନିର୍ବାଚନରେ ଭୋଟର ଠିକଣା ଜବାବ ଦେବେ ବୋଲି କହିଥିଲେ। କୃଷି ଓ କୃଷକଙ୍କୁ କଂଗ୍ରେସ ଦଳ ପ୍ରାଥମିକତା ଦେବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କଂଗ୍ରେସର ଲକ୍ଷ୍ୟ ବୋଲି ସେ ମତ ପ୍ରକାଶ କରିଥିଲେ। ଦିଗପହଣ୍ଡି ଏନଏସିର ପୂର୍ବତନ କାଉନସିଲର ଭଗବାନ ସ୍ୱାଇଁ, ନୀଳକଣ୍ଠ ପଟ୍ଟନାୟକଙ୍କ ସମେତ ବିଜୟ ପ୍ରଧାନ, ଅଶୋକ ସାହୁ, ସୀମାଞ୍ଚଳ ପ୍ରଧାନ, ମୀନାକ୍ଷୀ ସାହୁ ପ୍ରମୁଖ ବିଭିନ୍ନ ପଞ୍ଚାୟତର ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ସମବାୟ ସପ୍ତାହ ପାଳିତ



ମଞ୍ଚାସିନ ଅତିଥିମାନେ।

ଶେରଗଡ,୧୬।୧୧(ଡି.ଏନ୍.ଏ.)

ଶେରଗଡ ବ୍ଲକ କରଡାକଣା ସେବା ସମବାୟ ସମିତି ପରିସରରେ ଗୁରୁବାର ୬୫ତମ ନିଖିଳି ଉତ୍କଳ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଆନୁକୁଲ୍ୟରେ ଶେରଗଡ ବ୍ଲକର ୧୫ ଟି ସମବାୟ ସମିତି ସହଯୋଗରେ ଏହି ସପ୍ତାହ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସମବାୟ ସଭାପତି ବିରେନ୍ଦ୍ର କେଶରୀ ଆରୁଖ, ମୁଖ୍ୟବକ୍ତା ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତରଞ୍ଜନ ପାଣିଗ୍ରାହୀ, ସହକାରୀ ସାଧାରଣ ପରିଚାଳକ ଟି.ଗୋବିନ୍ଦ ରେଡ୍ଡୀ, ପୂର୍ବତନ ନିର୍ଦ୍ଦେଶକ ପ୍ରମୋଦ କୁମାର ପାତ୍ର, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଶରତ ଚନ୍ଦ୍ର ପାତ୍ର, ପାଟପୁର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରବିନ୍ଦ ନାହାକ, ଶେରଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କରଡାକଣା ସେବା ସମବାୟ ସମିତିର ସଭାପତି ରତ୍ନାକର ଚୌଧୁରୀ ସଭା ପରିଚାଳନା କରିଥିବାବେଳେ ପ୍ରଫୁଲ ମଳିକ ଓ ସତ୍ୟନାରାୟଣ ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାୟିତ୍ୱ ନେଲେ ନୂଆ ଡିପିସି



ନୂତନ ଡିପିସିଙ୍କୁ ସ୍ୱାଗତ କରାଯାଉଛି।

ଛତ୍ରପୁର,୧୬।୧୧(ଡି.ଏନ.ଏ.)

ଛତ୍ରପୁର ଠାରେ ଥିବା ଗଞ୍ଜାମ ଜିଲା ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ଭାବେ ବିନିତା ସେନାପତି ଦାୟିତ୍ୱ ନେଇଛନ୍ତି। ଏହାପୂର୍ବରୁ ସେ ଗଞ୍ଜାମ ଜିଲାର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଡିପିସି ଦାୟିତ୍ୱ ନେବା ପରେ ସର୍ବଶିକ୍ଷା ଅଭିଯାନର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । ଦୀର୍ଘ ଦିନ ଧରି ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପଦବୀ ଖାଲି ପଡିଥିଲା । ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଓ ପରେ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ





ସଭାରେ ମାଷ୍ଟର ଟ୍ରେନର ଉଦ୍‌ବୋଧନ ଦେଉଛନ୍ତି।

ଦିଗପହଣ୍ଡି,୧୬।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ରାମଜୀ କଲେଜରେ ଛାତ୍ରୀଙ୍କ ନିମନ୍ତେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧାପିକା ନୂତନ ଦାସ ଓ ଅଧାପକ ଡ଼. ଅସିତ କୁମାର ଷଡ଼ଙ୍ଗୀଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ସଂଯୋଜକ ଅମୃତ କୁମାର ସେଠୀ, ଜିଲା ସମ୍ପର୍କ ଅଧିକାରୀ ଶେଷଦେବ ସାହୁ, ନୋଡାଲ ସଂଯୋଜିକା ଡ. ହରପ୍ରିୟା ପଟ୍ଟନାୟକ, ଭୀଷ୍ମଗିରି କଲେଜ ଅଧକ୍ଷ ଡ. ଶଙ୍କର ପ୍ରସାଦ ପଣ୍ଡା, ଡିଗ୍ରୀ କଲେଜ ଅଧକ୍ଷ ରଘୁନାଥ ନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆତ୍ମ ସୁରକ୍ଷା ତାଲିମ ସମ୍ପର୍କିତ ମୁଖପତ୍ର ରିଆକଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କଲେଜର ୧୨୦ ଛାତ୍ରୀଙ୍କୁ ୨ ପର୍ଯ୍ୟାୟରେ ମାଷ୍ଟର ଟ୍ରେନର ମନୀଷା ବକ୍ସି ଓ ଦିପ୍ତୀରାଣୀ ଦାସ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିବେ ବୋଲି ନୋଡାଲ ସଂଯୋଜିକା ଜଣାଇଛନ୍ତି।

# ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା କର୍ମୀ

ପୋଲସରା,୧୬।୧୧(ଡି.ଏନ.ଏ.)



ନବୀନ ନିବାସରେ ଭାଜପା କର୍ମୀମାନେ ବିଜେଡିରେ ଯୋଗ ଦେଉଛନ୍ତି।

ପୋଲସରା ବ୍ଲକ ନିମିନା ଗ୍ରାମପଞ୍ଚାୟତ ଓ ଜା.ଡ଼େଙ୍ଗାପଦର ଗ୍ରାମପଞ୍ଚାୟତର ଶତାଧିକ ଭାଜପା କର୍ମୀ ଶୁକ୍ରବାର ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ବିଜେଡିରେ ଯୋଗଦାନ କରିଛନ୍ତି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ନିମିନା ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରତିନିଧି ବିଦେଶୀ କୁମାର ସାହୁ, ସମିତିସଭ୍ୟ ଦେବରାଜ ସେଠୀ, ନିରଞ୍ଜନ ଗୌଡ଼, ଶରତ କୁମାର ଗୌଡ଼ଙ୍କ ସମେତ ବହୁ ୱାର୍ଡସଭ୍ୟ ଓ ବହୁ ସମର୍ଥକମାନଙ୍କୁ ନେଇ ଭାଜପା ଛାଡ଼ି ବିଜେଡିରେ ଯୋଗଦାନ କରିଥିଲେ। ସେହିପରି ଜା.ଡେଙ୍ଗାପଦର ପଞ୍ଚାୟତ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ଜେନା ନିଜର ବହୁ ସଂଖ୍ୟକ ସମର୍ଥକଙ୍କୁ ନେଇ ଭାଜପା ତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ। ଭାଜପାର ନେତୃତ୍ୱ ନେଉଥିବା ନେତାଙ୍କ ନେତୃତ୍ୱ ଓ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ ହୋଇ ଭାଜପା ଛାଡ଼ିଥିବା କଥା ବିଜେଡିରେ ଯୋଗ ଦେଇଥିବା କର୍ମୀମାନେ କହିଥିଲେ। ନବୀନବାବୁଙ୍କ ଜନହିତକର କାର୍ଯ୍ୟକ୍ରମ ଆମକୁ ଆକୃଷ୍ଟ କରଥିବା କଥା ମଧ୍ୟ କହିଥିଲେ। ସୂଚନାଯୋଗ୍ୟ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାୟ ୧୧ଟି ପଞ୍ଚାୟତରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଆଉ କେତୋଟି ହାତଗଣତି ପଞ୍ଚାୟତରେ ଭାଜପା ସମର୍ଥିତ ପ୍ରାର୍ଥୀ ଜିତିଥିଲେ। ବର୍ତ୍ତମାନ ୨୬ ପଞ୍ଚାୟତ ମଧ୍ୟରୁ ୨୫ ପଞ୍ଚାୟତରେ ବିଜେଡି ସରପଞ୍ଚ, ସମିତିସଭ୍ୟ। ପୋଲସରା ନିର୍ବାଚନ ମଣ୍ଡଳୀରେ ପୋଲସରା ବ୍ଲକରେ ଭାଜପାକୁ ଶକ୍ତ ଧକ୍କା ଲାଗିଛି। ଆଗକୁ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ମାତ୍ରାରେ ଶାସକ ବିଜେଡି ସଙ୍ଗଠନ ସୁଦୃଢ଼ ହୋଇଯାଉଛି। ଉକ୍ତ ଭାଜପା କର୍ମୀମାନେ ବିଜେଡିରେ ଯୋଗଦାନକୁ ନେଇ ଭାଜପାକୁ ଶକ୍ତ ଧକ୍କା ଲାଗିଛି। ଏହାର ଜବାବରେ ଭାଜପା ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ କହିଛନ୍ତି ଭାଜପାକୁ ସେମିତି କିଛି ଶକ୍ତ ଧକ୍କା ହୋଇନି। ଭାଜପାର କାର୍ଯ୍ୟକ୍ରମ ଜାରି ରହିଛି ଏବଂ ଆଗକୁ ମଧ୍ୟ ଆହୁରି ଜୋରରେ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି କହିଥିଲେ।

ଧରିତ୍ରୀ
DHARITRI



### ଯୁବତୀଙ୍କୁ ଗଣବଳାତ୍କାର ଘଟଣା, ୨ ଗିରଫ

# ବାଳସୁଧାର ଗୃହକୁ ଗଲେ ୨ ନାବାଳକ

ପୋଲସରା,୧୬।୧୧(ଡି.ଏନ.ଏ.)

ପୋଲସରା ଥାନା ଅଞ୍ଚଳରେ ବୁଧବାର ରାତିରେ ଭଉଣୀଭାଇଙ୍କ ସହ ଶୋଇଥିବା ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ୪ଜଣ ଦୁର୍ବୃତ୍ତ ଘରୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ପୀଡିତାଙ୍କ ଏତଲା ଅନୁଯାୟୀ ଗୁରୁବାର ପୋଲିସ ନଂ.୨୨୦/୧୮ରେ ମାମଲା ରୁଜୁ କରିଥିଲା। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିଲା। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ଜଣ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ଦୁଇ ଯୁବକ ହେଲେ ପୋଲସରା ଥାନା ଅଞ୍ଚଳର ସଞ୍ଜୟ ଗୌଡ ଓ ବାବୁ ଗୌଡ। ପ୍ରକାଶ ଯେ, ବୁଧବାର ରାତିରେ ଯୁବତୀ ଜଣକ ସାନଭଉଣୀ ଓ ଭାଇଙ୍କ ସହ ଘରେ ଶୋଇଥିବାବେଳେ ୪ ଜଣ ଦୁର୍ବୃତ୍ତ ବାରିପଟ କବାଟ ତାଡି ଘରେ ପଶିଥିଲେ। ଯୁବତୀଙ୍କ ମୁହଁକୁ ଚାପିଧରି ବାରିପଟକୁ ଉଠାଇ ନେଇ ଆକ୍ରମଣ କରିବା ସହ ଗଣବଳାତ୍କାର କରିଥିଲେ। ପାଟିଶୁଣି ପଡିଶା ଘରର ଲୋକେ ଉଠି ପଡିବାରୁ ଦୁର୍ବୃତ୍ତମାନେ ଛାଡି ପଳାଇଥିଲେ। ପ୍ରକାଶ ଯେ, ଯୁବତୀଙ୍କ ବାପା-ମା' ଭୁବନେଶ୍ୱରରେ ରହି ଦିନ ମଜୁରିଆ କାମ କରୁଥିବାବେଳେ ଯୁବତୀ ଜଣକ ଗାଁରେ ତାଙ୍କ ସାନ ଭଉଣୀ ଓ ଭାଇଙ୍କ ସହ ରହୁଥିଲେ।

# ଦୁଇ ବାଇକ୍ ମଧ୍ୟରେ ଧକ୍କା : ୩ ଗୁରୁତର

ଆସିକା,୧୬।୧୧(ଡି.ଏନ୍.ଏ.)

ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତାର ସୁମନ୍ତପଲ୍ଲୀ ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୩ଜଣ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭେଟନଇ ଗ୍ରାମର ବାଳକୃଷ୍ଣ ନାୟକ, ଭଞ୍ଜନଗର ନିକଟସ୍ଥ ବାହାଡାପଦର ଗ୍ରାମର ରଞ୍ଜନ ବିଷୋୟୀ ଓ ଅସୁରାଇପଲ୍ଲୀ ଗ୍ରାମର କୃଷ୍ଣ ଗୌଡ ବୋଲି ଜଣାପଡିଛି। ଆହତମାନଙ୍କୁ ଚିକିତ୍ସା ଲାଗି ପ୍ରଥମେ ଆସିକା ସରକାରୀ ଡାକ୍ତରଖାନାରେ ଓ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଭେଟନଇ ଗ୍ରାମର କଂସାବାସନ ବ୍ୟବସାୟୀ ବାଳକୃଷ୍ଣ କଂସାବାସନ ଧରି ସୁମନ୍ତପଲ୍ଲୀ ଛକରେ ଠିଆ ହୋଇଥିଲା ବେଳେ ଆସିକାରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା।

# ବିୟୁଟି ପାର୍ଲରରେ ନିଆଁ

ଗଞ୍ଜାମ,୧୬।୧୧(ଡି.ଏନ.ଏ.)

ଗଞ୍ଜାମ ବଡ଼ବଜାର ସ୍ଥିତ ଜ୍ୟୋତି ବିୟୁଟି ପାର୍ଲରରେ ଗୁରୁବାର ରାତିରେ ନିଆଁ ଲାଗି ବହୁ ସାମଗ୍ରୀ ଜଳିଯାଇଛି। ସେଠାରେ କାର୍ଯ୍ୟରତ କନ୍‌ଷ୍ଟେବଲ ନିଆଁ ଲାଗିଥିବା ଦେଖି ଥାନା ସେକେଣ୍ଡ ଅଫିସର ଏଚ୍ କେ ପଣ୍ଡାଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ପଣ୍ଡା ଛତ୍ରପୁର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ପାର୍ଲରର ବହୁ ସାମଗ୍ରୀ ବର୍ତ୍ତି ଯାଇଛି। ପ୍ରକାଶ ଯେ ଗତ ଏପ୍ରିଲ ମାସରେ ଶଟସର୍କିଟ ଯୋଗୁ ଏକ ବହି ଦୋକାନର ଲକ୍ଷାଧିକ ଟଙ୍କାର ପାଠ୍ୟ ଉପକରଣ ପୋଡ଼ି ପାଉଁଶ ହୋଇଯାଇଥିଲା।

# ମଦଭାଟିରେ ଚଢାଉ : ପୋଚ ନଷ୍ଟ

ଆସିକା,୧୬।୧୧(ଡି.ଏନ୍.ଏ.)

ଗାଙ୍ଗପୁର ଥାନା କୁଲାଙ୍ଗୀ ଗ୍ରାମ ଉପକଣ୍ଠ ଜଙ୍ଗଲରେ ଚାଲିଥିବା ବେଆଇନ୍ ମଦ ଭାଟି ଉପରେ ପୋଲିସ ଶୁକ୍ରବାର ସକାଳେ ଚଢାଉ କରିଥିଲା। ଏହି ଚଢାଉରେ ପ୍ରାୟ ୪ଶହ ଲିଟରରୁ ଉର୍ଦ୍ଧ୍ୱ ପୋଚ ନଷ୍ଟ କରିଛି। ଗାଙ୍ଗପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ଏହି ଚଢାଉରେ ସାମିଲ୍ ଥିଲେ। ଘଟଣାରେ କାହାକୁ ଗିରଫ କରାଯାଇପାରି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।




# ବାବୁଲା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ

ଆସିକା,୧୬।୧୧(ଡି.ଏନ୍.ଏ.)

ଆସିକା ଥାନା ଜୟପୁର ଗ୍ରାମରେ ଗତ ଜାନୁୟାରୀ ୨୬ରେ ସେହି ଗ୍ରାମର ବାବୁଲା ପାତ୍ରଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ନିଜ ଘର ବାରିପଟ ପାଇଖାନା ଟାଙ୍କିରୁ ପୋଲିସ ଉଦ୍ଧାର କରିଥିଲା। ଏ ନେଇ ଶୁକ୍ରବାର ପୋଲିସ ମୃତ ବାବୁଲାଙ୍କ ଭାଇ ସନ୍ତୋଷ ପାତ୍ରଙ୍କୁ ଜୟପୁର ଗ୍ରାମରୁ ଗିରଫ କରିଛି। ସନ୍ତୋଷ ଏହି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ବୋଲି ଆସିକା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ପୋଲିସ ମୃତ ବାବୁଲାଙ୍କ ବାପା ବନମାଳି ପାତ୍ର ଓ ସେହି ଗ୍ରାମର ତାରା ପ୍ରସାଦ ଦାସ ଓ ପ୍ରତାପ ପାତ୍ରଙ୍କୁ ଗିରଫ କରିଥିଲା। ମୃତଦେହ ଉଦ୍ଧାର ପରେ ସମ୍ପତ୍ତି ଲୋଭରେ ତାଙ୍କ ସ୍ୱାମୀଙ୍କୁ ଶ୍ୱଶୁର ଓ ଦିଅର ମିଶି ହତ୍ୟା କରିଥିବା ବାବୁଲାଙ୍କ ସ୍ତ୍ରୀ ଭାଗ୍ୟଲତା ଥାନାରେ ଅଭିଯୋଗ କରିଥିଲେ। ନଂ.୩୪/୧୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚାଲିଥିଲା। ଘଟଣାର ଏକ ସପ୍ତାହ ପରେ ସନ୍ତୋଷ ଅନ୍ୟମାନଙ୍କ ସହଯୋଗରେ ବାବୁଲାଙ୍କୁ ଘରେ ଶ୍ୱାସ ରୁଦ୍ଧ କରି ମାରିବା ପରେ ଶରୀରରୁ କରତରେ ମୁଣ୍ଡ, ଗୋଡ, ହାତ ଆଦି ଅଲଗା କରି ମୃତଦେହକୁ ଦଶ ଖଣ୍ଡ କରିବା ପରେ ପାଇଖାନା ଟାଙ୍କିରେ ପକାଇ ଦେଇଥିବା ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ବାବୁଲା ସ୍ତ୍ରୀ ଓ ପିଲାଙ୍କୁ ନିଶାଶକ୍ତ ହୋଇ ସର୍ବଦା ମାରପିଟ କରୁଥିବାରୁ ବାବୁଲାଙ୍କ ସ୍ତ୍ରୀ ଓ ତାଙ୍କ ପିଲାମାନେ ନିଜ ବାପଘର ଦାସନାପଲ୍ଲୀରେ ରହୁଥିବାବେଳେ ସ୍ତ୍ରୀ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ପାଇଥିବା ସନ୍ତୋଷ ଜାମିନରେ ଆସିଥିଲା ବେଳେ ଏହି ହତ୍ୟାକାଣ୍ଡ ଘଟାଇ ଫେରାର ହୋଇଯାଇଥିଲା।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ